RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -173 | ସଂଖ୍ୟା-୧୭୩
ଭୁବନେଶ୍ୱର, ଶନିବାର, ୨୦ ସେପ୍ଟେମ୍ବର ୨୦୨୫
Bhubaneswar, Saturday, 20 September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବିରୋଧୀଙ୍କ ହୋହାଲ୍ଲା

## ଶନିବାର ୧୦ଟା ଯାଏଁ ଗୃହକୁ ମୁଲତବି ରଖିଲେ ବାଚସ୍ପତି



ଭୁବନେଶ୍ୱର,୧୯।୯(ନି.ପ୍ର.): ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନର ଦ୍ୱିତୀୟ ଦିନ ମଧ୍ୟ ଚର୍ଚ୍ଚାରେ ରହିଛି। ଗତକାଲି ଠାରୁ ଆରମ୍ଭ ହୋଇଥିବା ଗୃହ ଆଜି ଦ୍ୱିତୀୟ ଥର ପାଇଁ ମୁଲତବି ରଖାଯାଇଛି। କେ ?ଣସି ପ୍ରସଙ୍ଗରେ ଆଲୋଚନା କରିବା ସମୟରେ ବିରୋଧୀ ଦଳର ବିଧାୟକମାନେ ହଙ୍ଗାମା ଆରମ୍ଭ କରିଦେଉଛନ୍ତି। ବିଧାୟକମାନଙ୍କୁ ବାଚସ୍ପତି ଅନୁରୋଧ କଲେ ମଧ୍ୟ ସେମାନେ ମାନୁ ନାହାନ୍ତି। ଗୃହ ସ୍ୱାଭାବିକ ନହେବା ଯାଏ ଆଲୋଚନା ହୋଇପାରିବ ନାହିଁ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଆସନ୍ତାକାଲି ୧୦ଟା ଯାଏଁ ଗୃହକୁ ମୁଲତବି ରଖିଛନ୍ତି।

ଗତକାଲି ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲା। ଆଜି ପୂର୍ବାହ୍ଣରେ ମାତ୍ର ୪ ମିନିଟ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ଚାଲିଥିଲା। ସାର ପ୍ରସଙ୍ଗରେ ବିଜେଡି ନେତାମାନେ ହୋହାଲ୍ଲା କରିବାରୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅପରାହ୍ଣ ୪ଟା ଯାଏଁ ଗୃହକୁ ମୁଲତବି ରଖିଥିଲେ। ଅପରାହ୍ଣ ୪ଟାରେ ଗୃହ ଯେତେବେଳେ ଆରମ୍ଭ ହେଲା ମାତ୍ର ୫ମିନିଟ ପରେ ପୁଣି ବିରୋଧୀ ଦଳର ବିଧାୟକମାନେ ହଙ୍ଗାମା କରିଥିଲେ। ଫଳରେ ଗୃହକୁ ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବି ରଖିଛନ୍ତି।

ଗୃହରେ ଆଜି ବିଜେପି ବିଧାୟକ ପଦ୍ମ ଲୋଚନ ପଣ୍ଡା କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ଅଭିଯୋଗ ଆଣିଛନ୍ତି। ଅନ୍ୟପଟରେ ଗୃହ ସ୍ୱାଭାବିକ ନ ହେବା ଯାଏ ଅନାସ୍ଥା ପ୍ରସ୍ତାବ ନେଇ ବିଚାର କରି ପାରିହେବ ନାହିଁ ବୋଲି ବାଚସ୍ପତି ଶ୍ରୀମତୀ ପା ?ୀ କହିଛନ୍ତି। ଏଥିସହ ବାଚସ୍ପତି କହିଛନ୍ତି, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ, ବିଧାୟକ ତାରା ବାହିନୀପତି, ଇଂଜିନିୟର ସୋଫିଆ ଫିରଦୋସ ଅନାସ୍ଥା ପୂର୍ବରୁ ଗଣମାଧ୍ୟମରେ କହିଥିବାରୁ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ସ୍ୱାଧୀକାର ଭାଙ୍ଗ ଆଣିଛନ୍ତି।

# କୋଟିପତି ରେଞ୍ଜରଙ୍କ ୫ କୋଠା , ୯ ପ୍ଲଟ୍ ଠାବ

ରାୟଗଡ଼ା,୧୯।୯(ନି.ପ୍ର.): ରାୟଗଡା କାଶିପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଆଜି ଚଢାଉ କରାଯାଇ ରେଞ୍ଜରଙ୍କ ୫ କୋଠା ସହ ୯ଟି ପ୍ଲଟ୍ ଠାବ କରାଯାଇଛି। ରେଞ୍ଜରଙ୍କର କନ୍ଧମାଳ ଜିଲ୍ଲାରେ ୪ ଏବଂ ବ୍ରହ୍ମପୁରରେ ଗୋଟିଏ କୋଠା, ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାରେ ରେଞ୍ଜରଙ୍କର ୯ଟି ପ୍ଲଟ୍ ରହିଛି। ବୀମା ଏବଂ ବ୍ୟାଙ୍କ୍ ଜମାର ମଧ୍ୟ ତଦନ୍ତ ଚାଲିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। କାଶୀପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁଙ୍କ ଘରେ ୭ ଘଣ୍ଟାର ଚଢାଉ ପରେ ଅଟକ ରଖି ତାଙ୍କୁ ରାୟଗଡା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ସୂଚନା ମୁତାବକ ଆଜି ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ରାୟଗଡା କାଶିପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁଙ୍କ ଘରେ ଚଢାଉ କରାଯାଇଛି। ଜୟପୁର ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଆଜି ଭୋରରୁ କାଶୀପୁର ରେଞ୍ଜ ଅଫିସ, ବାସଭବନ ସମେତ



ରାଜ୍ୟର ୯ଟି ସ୍ଥାନରେ ଚଢାଉ କରିଥିଲା। ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସର ୭ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର, ୯ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ଚଢାଉରେ ସାମିଲ ଥିଲେ।କନ୍ଧମାଳ ଜିଲା ବାଲିଗୁଡା ପୈତୃକ ଘର, ଦାରିଙ୍ଗବାଡି ଶ୍ରୀନାଇକେଟାରେ ନିର୍ମିତ ଶ୍ରୀ ସାହୁଙ୍କ ଘର, ନୟାଗଡ଼ ଜିଲା କରଡାପଡା ଶ୍ୱଶୁର ଘରେ, ଗଞ୍ଜାମ ଜିଲା ଭଞ୍ଜନଗର ତାଙ୍କ ସମ୍ପର୍କୀୟଙ୍କ ଘର, କୁକୁଡାଖଣ୍ଡି, କାଶୀପୁର କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ସନ୍ଧାନ ଜାରି ରହିଛି। ଜୟପୁର ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ସହ ରାୟଗଡ଼ା ଭିଜିଲାନ୍ସ ଟିମ୍ ସହାୟତାରେ ଏହି ଚଢାଉ କରାଯାଇଥିଲା।



ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଟିଟଲାଗଡରେ ମେଗା ରକ୍ତଦାନ ଶିବିର ଆୟୋଜନ କରି ରେକର୍ଡ ୧୪୦୪ ୟୁନିଟ ରକ୍ତ ସଂଗ୍ରହ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନ ସଭା କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଟିଟଲାଗଡ ବିଧାୟକ ନବୀନ ଜୈନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ଶିକ୍ଷାନୁଷ୍ଠାନରେ ବଢୁଛି ଶାରୀରିକ ନିର୍ଯାତନା

ଭୁବନେଶ୍ୱର୧୯।୯(ନି.ପ୍ର.): ଶିକ୍ଷାନୁଷ୍ଠାନରେ ବଢୁଛି ନିର୍ଯାତନା। ଦିଆଯାଉଛି ଶାରୀରିକ ଓ ମାନସିକ ସହ ଯୌନ ନିର୍ଯାତନା। ଏଭଳି ସାଙ୍ଘାତିକ ତଥ୍ୟ ଆଜି ସାମ୍ନାକୁ ଆସିଛି ଯେତେବେଳେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ତାଙ୍କର ଲିଖିତ ଉତ୍ତର ରଖିଛନ୍ତି।

ତେବେ ତଥ୍ୟ ଅନୁସାରେ ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ବଢ଼ିଛି ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା। ୧୯ ଜଣ ଛାତ୍ରୀ ନିର୍ଯାତନାର ଶିକାର ହୋଇଛନ୍ତି। ୬ ଜଣ ଯୌନ ନିର୍ଯାତନାର ଶିକାର, ୯ ଜଣ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବା ବେଳେ ଦୁଇ ଜଣ ଛାତ୍ରୀଙ୍କୁ ଅଭଦ୍ରୋଚିତ ବ୍ୟବହାର କରାଯାଇଛି ବୋଲି ଗୃହରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ବିଶ୍ୱବିଦ୍ୟାଳୟରେ ଛାତ୍ରୀ ନିର୍ଯାତନାର ଉଦବେଗଜନକ ଚିତ୍ର ସାମ୍ନାକୁ ଆସିଥିବା ବେଳେ ବଡ଼ ବିଶ୍ୱବିଦ୍ୟାଳୟରେ ନିର୍ଯାତନାର ଦାଗ ଲାଗିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୭ଟି ମାମଲା ରହିଛି। ଯେଉଁଥିରୁ ୩ଟି ଯୌନ ନିର୍ଯାତନା, ଗୋଟେ ଅଶ୍ଳୀଳ ଭାଷା ପ୍ରୟୋଗ, ଗୋଟେ ମାନସିକ ନିର୍ଯାତନା ମାମଲା ରହିଛି।ସେହିପରି ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୩ଟି ମାନସିକ ନିର୍ଯାତନା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଗୋଟେ ଯୌନ ନିର୍ଯାତନା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଗୋଟେ ମାନସିକ ନିର୍ଯାତନା ଓ ଗୋଟେ ଅସଦାଚରଣ ମାମଲା। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୩ଟି ମାନସିକ ନିର୍ଯାତନା ଅଭିଯୋଗ ରହିଛି।

ତେବେ ନିର୍ଯାତନାର ଏ ନିଆଁରୁ ବି ବର୍ତ୍ତିନି ଓଡିଶାର ଏକକ ମହିଳା ବିଶ୍ୱବିଦ୍ୟାଳୟ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବି ଯୌନ ନିର୍ଯାତନା ଦିଆଯାଇଛି। ଜଣେ ଛାତ୍ରୀ ଯୌନ ନିର୍ଯାତନା ଯୋଗୁଁ ମାନସିକ ନିର୍ଯାତନାର ଶିକାର ହୋଇଥିଲେ।

# ଲୋକପ୍ରିୟ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୯।୯(ନି.ପ୍ର.): ଆଉନାହାନ୍ତି ଲୋକପ୍ରିୟ ଆସାମୀ ଗାୟକ ଜୁବିନ୍ ଗର୍ଗ। ସିଙ୍ଗାପୁରରେ ଏକ ଦୁଃଖଦ ସ୍କୁବା ଡାଇଭିଂ ଦୁର୍ଘଟଣାରେ ୫୨ ବର୍ଷ ବୟସରେ ପ୍ରଖ୍ୟାତ ଆସାମୀ ଗାୟକ ତଥା ସାଂସ୍କୃତିକ ପ୍ରତିଷ୍ଠିତ ଜୁବିନଙ୍କ ମୃତ୍ୟୁ ଘଟିଛି।

ରିପୋର୍ଟ ଅନୁସାରେ, ଦୁର୍ଘଟଣା ପରେ ସିଙ୍ଗାପୁର ପୁଲିସ ତାଙ୍କୁ ସମୁଦ୍ରରୁ ଉଦ୍ଧାର କରି ନିକଟସ୍ଥ ଏକ ହସ୍ପିଟାଲକୁ ନେଇଯାଇଥିଲା। ତାଙ୍କୁ ଚିକିତ୍ସାରେ ରଖାଯାଇଥିଲେ ମଧ୍ୟ, ଡାକ୍ତରମାନେ ବଞ୍ଚାଇ ପାରିଲେ ନାହିଁ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଜୁବିନ ଉତ୍ତର-ପୂର୍ବ ମହୋତ୍ସବରେ ଯୋଗଦେବା ପାଇଁ ସିଙ୍ଗାପୁରରେ ଥିଲେ। ଯେଉଁଠାରେ ତାଙ୍କର ସେପ୍ଟେମ୍ବର ୨୦ ତାରିଖରେ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଏପରି ଭାବେ ତାଙ୍କର ଆକସ୍ମିକ ମୃତ୍ୟୁ ପ୍ରଶଂସକ ଏବଂ ସମଗ୍ର ଆସାମୀୟ ସମ୍ପ୍ରଦାୟକୁ ମର୍ମାହତ କରିଛି। ଯାହା ଭାରତର ସଙ୍ଗୀତ ଶିଳ୍ପରେ ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ମୃତ୍ୟୁ ପରେ ତାଙ୍କୁ ଆସାମ, ଉତ୍ତର-ପୂର୍ବ ଏବଂ ବାହାର ରାଜ୍ୟରୁ ଶ୍ରଦ୍ଧାଞ୍ଜଳି ଏବଂ ସମବେଦନାର ସୁଅ ଛୁଟିଛି। ଲୋକମାନେ ଜଣେ ପ୍ରିୟ କଳାକାରଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ‘ଆଇବି କହିବାରୁ ମୁଁ ହାଫିଜ ସହିଦକୁ ଭେଟିଥିଲି’

ନୂଆଦିଲ୍ଲୀ,୧୯।୯(ନି.ପ୍ର.): ଦିଲ୍ଲୀ ହାଇକୋର୍ଟରେ ଦାଖଲ ହୋଇଥିବା ବିଚ୍ଛିନ୍ନତାବାଦୀ ନେତା ତଥା ଜମ୍ମୁ ଏବଂ କାଶ୍ମୀର ଲିବରେସନ ଫ୍ରଣ୍ଟ (ଜେକେଏଲଏଫ)ର ମୁଖ୍ୟ ୟାସିନ ମଲିକର ସତ୍ୟପାଠ ରାଜନୈତିକ ଝଡ଼ ସୃଷ୍ଟି କରିଛି। ମଲିକ ଦାବି କରିଛି ଯେ ସେ ୨୦୦୬ ମସିହାରେ ପାକିସ୍ତାନରେ ଲସ୍କର-ଏ-ତୈବାର ନେତା ଏବଂ ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦଙ୍କୁ ଭେଟିଥିଲା । କିନ୍ତୁ ସେ ନିଜ ଇଚ୍ଛାରେ ନୁହେଁ, ବରଂ ଭାରତୀୟ ଗୁଇନ୍ଦା ସଂସ୍ଥା, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ନିର୍ଦ୍ଦେଶରେ ସେ ତାହା କରିଥିଲା। ତାହା ବ୍ୟାକ୍ ଚ୍ୟାନେଲ ଆଲୋଚନାର ଏକ ଅଂଶ ଥିଲା ।

ମାଲିକ ନିଜ ସତ୍ୟପାଠରେ ଲେଖିଛି ଯେ ପାକିସ୍ତାନରୁ ଫେରିବା ପରେ, ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭିକେ ଜୋଶୀ ତାକୁ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବାକୁ କହିଥିଲେ। ସେହି ସନ୍ଧ୍ୟାରେ, ତାହାର ମନମୋହନ ସିଂହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଏନକେ ନାରାୟଣନଙ୍କ ସହ ସାକ୍ଷାତ କରିବାର ବ୍ୟବସ୍ଥା କରାଯାଇଥିଲା। ସେ ଦାବି କରିଛି ଯେ ପ୍ରଧାନମନ୍ତ୍ରୀ ଡଃ ସିଂହ ତାଙ୍କ ପ୍ରୟାସ ଏବଂ ଧୈର୍ଯ୍ୟ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

ମଲିକ ଏବେ ଆଜୀବନ କାରାଦଣ୍ଡ ଭୋଗୁଛି। ମାଲିକ ନିଜ ସତ୍ୟପାଠରେ ଲେଖିଛି ଯେ ପାକିସ୍ତାନରୁ ଫେରିବା ପରେ, ଆଇବିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭିକେ ଜୋଶୀ ତାକୁ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ସୂଚନା



ପ୍ରଦାନ କରିବାକୁ କହିଥିଲେ। ସେହି ସନ୍ଧ୍ୟାରେ, ତାହାର ମନମୋହନ ସିଂହ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଏନକେ ନାରାୟଣନଙ୍କ ସହ ସାକ୍ଷାତ କରିବାର ବ୍ୟବସ୍ଥା କରାଯାଇଥିଲା। ସେ ଦାବି କରିଛି ଯେ ପ୍ରଧାନମନ୍ତ୍ରୀ ଡଃ ସିଂହ ତାଙ୍କ ପ୍ରୟାସ ଏବଂ ଧୈର୍ଯ୍ୟ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ତଥାପି, ଏହି ସାକ୍ଷାତକୁ ପରେ ତା ବିରୁଦ୍ଧରେ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇଥିଲା। ଆତଙ୍କୀ ନେତାମାନଙ୍କୁ ଭେଟିଥିବାରୁ ତା ବିରୋଧରେ ୟୁଏପିଏ ଲଗାଯାଇଥିଲା । ଆଇବିର ନିର୍ଦ୍ଦେଶ ଥିଲା ଯେ ଶାନ୍ତି ଆଲୋଚନାକୁ ବଢାଇବାକୁ ସେ ପାକିସ୍ତାନର ରାଜନୈତିକ ନେତା ଓ ଆତଙ୍କବାଦୀ ନେତାମାନଙ୍କୁ ଭେଟୁ । ଏଣୁ ସେ ତାହା କରିଥିଲେ ।

# ଦୁଷ୍କର୍ମକାରୀକୁ ଆଜୀବନ ସଜା

ଯାଜପୁର,୧୯।୯(ନି.ପ୍ର.): ଦୁଷ୍କର୍ମକାରୀକୁ ଆଜୀବନ । ନାବାଳିକା ଛାତ୍ରୀ କୁ ଠେକୁଆ ଦେଖାଇବାକୁ କହି ନେଇ ଦୁଷ୍କର୍ମ କରିଥିଲା ଅଭିଯୁକ୍ତ । ଅଭିଯୁକ୍ତ ହେଉଛି ଅରକ୍ଷିତ ପରିଡ଼ା । ଗତ ୨୩ ଅକ୍ଟୋବର ୨୦୨୪ ମସିହା ରେ ବରୀ ରାମଚନ୍ଦ୍ର ପୁର ଥାନା ଅଞ୍ଚଳରେ ଅଭିଯୁକ୍ତ ନାବାଳିକା କୁ ଡ଼ାକି ଠେକୁଆ ଦେଖାଇବାକୁ କହି ଦୁଷ୍କର୍ମ କରିବା ପରେ କାହାରିକୁ କହିଲେ ମାରିଦେବାକୁ ଧମକ ଦେଇଥିଲା । ପୀଡ଼ିତା ଗୁରୁତର ହୋଇ ବରୀ ସହ ଯାଜପୁର ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେବା ପରେ ତାକୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ତା ସମ୍ପର୍କୀୟ ଓ ପରିବାର କୁ ଜଣାଇବା ପରେ ପୋଲିସ ନିକଟରେ ମାମଲା ରୁଜୁ କରିଥିଲେ । ସେହି ଘଟଣାର ବିଚାର କରି ଓ ୨୩ ଜଣ ସାକ୍ଷ୍ୟ ପ୍ରମାଣ କୁ ଆଧାର କରି ଅଭିଯୁକ୍ତ କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ସ୍ୱତନ୍ତ୍ର ପୋକ୍ସ କୋର୍ଟ । ଏଥିସହ ୨ ଲକ୍ଷ ଟଙ୍କା ଜୋରିମାନା ଆଦାୟ ଲାଗି ପୋକ୍ସ ? କୋର୍ଟ ନିର୍ଦ୍ଦେଶ ଦେଇଥିବା ଓକିଲ ସୂଚନା ଦେଇଛନ୍ତି ।

## ଦୁଇ ପୁଅଙ୍କୁ ବିଷ ପିଆଇଦେଲେ ବାପା

ଅନୁଗୋଳ,୧୯।୯: ଦୁଇ ଛୁଆକୁ ବିଷ ପିଆଇ ଦେଲା ବାପା। ଗୁରୁତର ଅବସ୍ଥାରେ ଦୁଇ ନାବାଳକ ଡାକ୍ତରଖାନାରା ଭର୍ତ୍ତି ହୋଇଛନ୍ତି। ଅନୁଗୋଳ ଜିଲ୍ଲାରେ ଘଟିଛି ଏହି ଘଟଣା। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଦୁଇ ନାବାଳାକ ହେଉଛନ୍ତି ନୀଳମାଧବ ପ୍ରଧାନ (୧୨) ଓ ଜିଜ୍ଞାସୁ ପ୍ରଧାନ (୮)। ସେମାନଙ୍କ ବାପାଙ୍କ ନାଁ କାଳୀଚରଣ ପ୍ରଧାନ।

# ଦୟା ଓ ସହାନୁଭୂତିଶୀଳତା ସମାଜ ପରିବ□ନର ଚାବିକାଠି : ରାଜ୍ୟପାଳ

ଭୁବନେଶ୍ୱର,୧୯।୯(ନି.ପ୍ର.): ଦୟା ଓ ସହାନୁଭୂତିଶୀଳତା ସମାଜ ପରିବର୍ତ୍ତନର ଚାବିକାଠି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ସେପ୍ଟେମ୍ବର ୧୯ ତାରିଖ ଦିନ ରମା ଦେବୀ ବିଶ୍ୱବିଦ୍ୟାଳୟଠାରେ "ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ"ର ଦ୍ୱାଦଶ ଆଂଚଳିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ, ଓଡ଼ିଶା ରିଜିଅନ ଏବଂ ରମା ଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ପରିବାର, ସମାଜ ଏବଂ ରାଷ୍ଟ୍ରକୁ ପୁନଃନିର୍ମାଣ କରିବାରେ ଦୟା ଓ ସହାନୁଭୂତି ହେଉଛି ଜୀବନ୍ତ ଶକ୍ତି। ସମସ୍ତେ ପ୍ରେମ ଓ ସେବାର ସେତୁ ନିର୍ମାଣ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇ ସେବା, ଜ୍ଞାନ ଏବଂ କରୁଣାକୁ ପୋଷଣ କରି ସଂକୀର୍ଣ୍ଣ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ସତ୍ୟ, ସମନ୍ୱୟ ଓ ସାର୍ବଜନୀନ ଭ୍ରାତୃତ୍ୱକୁ ଭିତ୍ତିକରି ଆଗାମୀ ପିଢ଼ି ଗଠନ ପାଇଁ ଆୟୋଜକମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମିଳନୀର ଶୀର୍ଷକ "କାନ୍ଥ ନୁହେଁ, ସେତୁ ନିର୍ମାଣରେ ଦୟା ଓ ସହାନୁଭୂତି" ସଂପର୍କରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ, ଦ୍ରୁତ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନ ଏବଂ ଭୌତିକ ପ୍ରଗତି ପ୍ରାୟତଃ ନୈତିକ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଛାଇ ହୋଇ ରହିଥାଏ। ନିଃସ୍ୱାର୍ଥପର ସେବା ଜାରି ରଖି ଗରିବ, ରୋଗୀ ଏବଂ ଅବହେଳିତ ଲୋକଙ୍କ ନିକଟରେ ପହଂଚିବା ସହିତ ପରିବେଶ ଓ ଜୀବଜଗତଙ୍କ ପ୍ରତି ଦୟା ପ୍ରଦର୍ଶନ ପୂର୍ବକ ମାନବ ଜୀବନର ଉଚ୍ଚ ଆଦର୍ଶକୁ ବଜାୟ ରଖିବା ପାଇଁ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଏବଂ ସମାଜ ସଂସ୍କାରକ ଡକ୍ଟର ଆନି ବେସାନ୍ତ ଉଚ୍ଚ ଆଦର୍ଶକୁ ସହାନୁଭୂତିଶୀଳ କାର୍ଯ୍ୟରେ ପରିଣତ କରିବା ପାଇଁ "ସମସ୍ତ ପୀଡିତଙ୍କ ସେବାକୁ ଭଲ ପାଉଥିବା ଲୋକଙ୍କ ସଂଘ" ମୂଳନୀତି ସହିତ 'ଥିଓସୋଫିକାଲ ଅର୍ଡର ଅଫ ସର୍ଭିସ' ପ୍ରତିଷ୍ଠା କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଭୂମି ସାର୍ବଜନୀନ ପ୍ରେମ ଓ ସମାନତାକୁ ମୂର୍ତ୍ତିମନ୍ତ କରିଥିବାରୁ ଓଡ଼ିଶା ଏହି ଦୃଷ୍ଟିକୋଣ ସହିତ ଗଭୀରଭାବେ ପ୍ରତିଧ୍ୱନିତ ହୋଇଛି ବୋଲି ରାଜ୍ୟପାଳ କହିଥିଲେ। ଛାତ୍ରଛାତ୍ରୀମାନେ ନିଃସ୍ୱାର୍ଥପର ସେବା ଓ ସାର୍ବଜନୀନ ମୂଲ୍ୟବୋଧକୁ ଗ୍ରହଣ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇବା ସହିତ ମହିଳା ସଶକ୍ତିକରଣ, ଲିଙ୍ଗ ସମାନତା, ଶିକ୍ଷା ଏବଂ ଗୋଷ୍ଠୀ ସେବା କ୍ଷେତ୍ରରେ ଥିଓସୋଫିକାଲ ଅର୍ଡର ଅଫ ସର୍ଭିସ, ଓଡ଼ିଶା ରିଜିଅନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଥିଓସୋଫିକାଲ ଅର୍ଡର ଅଫ ସର୍ଭିସର ଜାତୀୟ ନିର୍ଦ୍ଦେଶକ କେ. ଶିବ ପ୍ରସାଦ ମୁଖ୍ୟ ବକ୍ତା ଭାବେ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରାରମ୍ଭରେ ଓଡ଼ିଶା ରିଜିଅନ ଅଧ୍ୟକ୍ଷା ଡ. ଦୀପା ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନିଃସ୍ୱାର୍ଥପର ସେବା କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଇଥିଲା।




## ଦିଲ୍ଲୀ ୟୁନିଭର୍ସିଟି ନିର୍ବାଚନରେ ଏବିଭିପିର ବିଜୟ

ନୂଆଦିଲ୍ଲୀ,୧୯।୯: ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ )ର ବଡ ବିଜୟ। ସଭାପତି, ସଂପାଦକ ଓ ଯୁଗ୍ମ-ସଂପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ବିଜୟୀ ହୋଇଛନ୍ତି ଏବିଭିପି ପ୍ରାର୍ଥୀ। ଅନ୍ୟପକ୍ଷରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଛାତ୍ର ଶାଖା ଭାରତୀୟ ରାଷ୍ଟ୍ରୀୟ ଛାତ୍ର ସଂଘ ଉପ-ସଭାପତି ପଦ ହାତେଇଛି। ଏବିଭିପିର ଆର୍ଯ୍ୟନ ମାନ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୨୮ ହଜାର ୮୪୧ ଖଣ୍ଡ ଭୋଟ୍ ମିଳିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏନ୍ଏସ୍ୟୁଆଇର ଜୋସ୍‌ଲୀନ ଚୌଧୁରୀଙ୍କୁ ୧୨ ହଜାର ୬୪୫ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି ଏସ୍ଏଫଆଇ-ଏଆଇଏସ୍ଏର ସଭାପତି ପ୍ରାର୍ଥୀ ୫୩୮୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ଭାବେ ଲଢ଼ିଥିବା ଏନ୍ଏସ୍ୟୁଆଇର ବିଦ୍ରୋହୀ ପ୍ରାର୍ଥୀ ୫,୫୨୨ ଖଣ୍ଡ ଭୋଟ୍ ପାଇଛନ୍ତି।

# ବଦଳି ଓ ନିଯୁକ୍ତି ନେଇ ନୀତି ପ୍ରସ୍ତୁତ

ଭୁବନେଶ୍ୱର,୧୯।୯(ନି.ପ୍ର.): ଶିକ୍ଷକଙ୍କ ବ୍ୟତୀତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ରାଜ୍ୟ କ୍ୟାଡରର ଅଧିକାରୀ/କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ନେଇ ନୀତି ପ୍ରସ୍ତୁତ ହୋଇଛି।ସାଧାରଣ ପ୍ରଶାସନ ବିଭାଗ ନିୟମ ଅନୁଯାୟୀ ଏହି ଅଧିକାରୀମାନଙ୍କ ବାର୍ଷିକ ବଦଳି ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ହେବ। ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଅନ୍ୟ କୌଣସି ସମୟରେ ସେମାନଙ୍କୁ ବଦଳି କରାଗଲେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କୁ ତାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡିବ।

ଯେତେ ଦୂର ସମ୍ଭବ ଅଧିକାରୀମାନଙ୍କୁ ସେମାନଙ୍କ ନିଜ ଜିଲ୍ଲାରେ ନିଯୁକ୍ତି ଦେବାକୁ ଏଡାଇ ଦିଆଯିବା ଉଚିତ। ଏକାନ୍ତ ଆବଶ୍ୟକତା କ୍ଷେତ୍ରରେ ଯଦିବା ଜଣେ ଅଧିକାରୀଙ୍କୁ ତାଙ୍କ ଜିଲ୍ଲାରେ ନିଯୁକ୍ତି ଦିଆଯାଏ, ତା'ହେଲେ ତାଙ୍କୁ ତାଙ୍କ ନିଜ ବ୍ଲକରେ ରହିବାକୁ ଅନୁମତି ଦିଆନଯିବା ଉଚିତ।

ଅଧିକାରୀ/କର୍ମଚାରୀମାନେ (ଜିଲ୍ଲା କ୍ୟାଡର ସମେତ) ଯେଉଁଠି ନିଯୁକ୍ତି ପାଇଥିବେ ସେଠାରେ ଅତି କମ୍ ?ରେ ୩ ବର୍ଷ ରହିବା ପରେ ବଦଳି ହେବାକୁ ଯୋଗ୍ୟତା ଅର୍ଜନ କରିବେ। କୌଣସି ଅଧିକାରୀ ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ସମୟ ରହିବା ଉଚିତ ନୁହେଁ। ଯେଉଁ ଅଧିକାରୀମାନେ ନିଜ ଚାକିରି ମୋଟ ସମୟରୁ ୫ ବର୍ଷ (ଛୁଟି ଛାଡି) ଅବିଭକ୍ତ କେବିକେ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ପୂରଣ କରିଥିବେ, ତା'ହେଲେ ସେମାନେ ଅନ୍ୟ ଜିଲ୍ଲାକୁ ବଦଳି ହୋଇପାରିବେ। ଯେଉଁ ଅଧିକାରୀମାନେ ଅନ୍ୟ ଜିଲ୍ଲାଗୁଡିକରେ ନିଯୁକ୍ତି ପାଇଥିବେ, ସେମାନଙ୍କୁ ଚାକିରିର ୧୦ ବର୍ଷ ପୂରଣ କରିବା ପରେ ଅବିଭକ୍ତ କେବିକେ ସହିତ ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ନିଯୁକ୍ତି ଦିଆଯିବା ଉଚିତ। ସେହିପରି ପଦୋନ୍ନତି ପାଇବା ପରେ କର୍ମଚାରୀଙ୍କୁ ନୂଆ ସ୍ଥାନକୁ ବଦଳି କରାଯିବ। ସେମାନେ ଆଉ ପୂର୍ବସ୍ଥାନରେ ରହିପାରିବେ ନାହିଁ।

ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ସରକାରୀ କର୍ମଚାରୀ ହୋଇଥା'ନ୍ତି, ତା'ହେଲେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେତେ ଦୂର ସମ୍ଭବ ସେମାନଙ୍କୁ ସମାନ ସ୍ଥାନରେ ବା ନିକଟସ୍ଥ ଅଞ୍ଚଳରେ




ନିଯୁକ୍ତି ଦିଆଯାଇପାରେ।

ଯେଉଁ ଅଧିକାରୀମାନେ ୨ ବର୍ଷ ଭିତରେ ଅବସର ଗ୍ରହଣ କରିବେ, ସେମାନେ ଯେଉଁଠାରେ ଅଛନ୍ତି ସେଠାରେ ରହିପାରିବେ ବା ସେମାନଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ବଦଳି କରାଯାଇପାରିବ।

କମିଟି ମାଧ୍ୟମରେ ବଦଳି ଓ ନିଯୁକ୍ତି କରି ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ବିଭାଗ ନିଷ୍ପତ୍ତି ନେଇଛି। ସ୍ୱତନ୍ତ୍ର ବା ଅତିରିକ୍ତ ସଚିବ ସ୍ତରର ଅଧିକାରୀମାନଙ୍କୁ ଏହି କମିଟିଗୁଡିକର ମୁଖ୍ୟ କରାଯିବ।

ଶନିବାର ୨୦ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
SATURDAY 20 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# କାକଟପୁର ମଙ୍ଗଳା

## 'ଓଁ ସର୍ବମଙ୍ଗଳମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ।'

**କିଶୋର କୁମାର ଜେନା**

କାକଟପୁରର ପ୍ରତ୍ୟକ୍ଷ ଦେବୀ ତଥା ପୁରୁଷୋତ୍ତମ କ୍ଷେତ୍ରର ରକ୍ଷୟିତ୍ରୀ ରୂପେ ପ୍ରତିଷ୍ଠିତ ଓ ପୂଜିତ ଅଷ୍ଟଚଣ୍ଡୀଙ୍କ ମଧ୍ୟରୁ ଏହି କାକଟପୁରର ମଙ୍ଗଳା ଅନ୍ୟତମ । ମା'ଙ୍କ ମନ୍ଦିର ପ୍ରାଚୀ ନଦୀର ପୂର୍ବତଟରେ ରହିଛି । ପଦ୍ମପୁରାଣରେ ପ୍ରାଚୀନ ମାହାତ୍ମ୍ୟ ଉଲ୍ଲେଖ ରହିଛି । ଅନେକ ପୁରାଣ ଓ ଧର୍ମପୁସ୍ତକରେ ମା'ଙ୍କ ସମ୍ପର୍କରେ ଅନେକ ତଥ୍ୟ ସବୁ ଉଲ୍ଲେଖ ରହିଛି ।

ମଙ୍ଗଳାଙ୍କର ମହାତ୍ମ୍ୟ ପ୍ରତି ଧର୍ମପ୍ରାଣ ଲୋକମାନଙ୍କର ଅଟଳ ବିଶ୍ୱାସ ରହିଛି । ପ୍ରତ୍ୟେକ ଶୁଭ କାର୍ଯ୍ୟରେ ତଥା ଆପଦ ବିପଦବେଳେ ଲୋକମାନେ ମଙ୍ଗଳାଙ୍କୁ ସ୍ମରଣ କରନ୍ତି । 'ଓଁ ସର୍ବମଙ୍ଗଳମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ।' ଐତିହାସିକ କିମ୍ବା ପୌରାଣିକ ତଥ୍ୟ ମଙ୍ଗଳାଙ୍କ ପ୍ରତିଷ୍ଠା ସମ୍ପର୍କରେ ସେପରି ଉଲ୍ଲେଖ ନଥିଲେ ବି ଏହି ମଙ୍ଗଳାଙ୍କ କ୍ଷେତ୍ର ସହିତ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ମହାପ୍ରଭୁଙ୍କ ନବକଳେବର ସମୟରେ ଦାରୁ ନିରୂପଣରେ ନିଯୁକ୍ତ ଦଇତାପତିମାନେ ମା'ମଙ୍ଗଳାଙ୍କ ନିକଟରେ ଗୁହାରିଆ ପଡ଼ି ମା'ଙ୍କ କୃପା ପ୍ରାପ୍ତ ହୋଇ ଅନ୍ୱେଷଣରେ ଯାଇଥାନ୍ତି । ଦେବୀ ଭାଗବତରେ ମଙ୍ଗଳାଚଣ୍ଡୀ ବା ସର୍ବମଙ୍ଗଳାଙ୍କ ମହିମା ବା ଲୀଳା ସମ୍ପର୍କରେ ସବିଶେଷ ବର୍ଣ୍ଣନା ରହିଛି । କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ମା'ମଙ୍ଗଳାଙ୍କ ମୂର୍ତ୍ତି ପ୍ରଥମେ ତତ୍କାଳୀନ ସିଂହଳ (ଶ୍ରୀଲଙ୍କା)ରେ ବୌଦ୍ଧଭକ୍ତମାନେ ତାଙ୍କୁ ଭକ୍ତିପୂର୍ଣ୍ଣ ଭାବେ ତାରା ନାମରେ ପୂଜା କରୁଥିଲେ । ଆମ ସାଧବପୁଅମାନେ ବୋଇତ ଯାତ୍ରାରେ ସିଂହଳ ଦ୍ୱୀପପୁଞ୍ଜକୁ ଯାଇଥିବା ସମୟରେ ମା'ଙ୍କର ଏହି ପ୍ରାଚୀ କୂଳର କ୍ଷେତ୍ରକୁ ଆଗମନ ହୋଇଥିଲା । ସେହିପରି ଅନ୍ୟଏକ କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ମା'ମଙ୍ଗଳା ଥିଲେ ରାମାୟଣ ଯୁଗର ଅଧିଷ୍ଠାତ୍ରୀ ଦେବୀ ଏବଂ ପ୍ରବଳ ପରାକ୍ରମୀ ରାବଣ ତାଙ୍କୁ ନିତ୍ୟ ପୂଜା କରୁଥିଲା । ମା'ଙ୍କ ମୂର୍ତ୍ତି ଅତି ସୁନ୍ଦର ଭାବେ କଳା ମୁଗୁନି ପଥରରେ ନିର୍ମିତ । ଦୁଇ ପ୍ରସ୍ଥ ବିଶିଷ୍ଟ ପଦ୍ମପାଖୁଡ଼ା ବିମଣ୍ଡିତ ପୀଠ ଉପରେ ଦେବୀ ଲଳିତାସନରେ ବିରାଜିତା । ସେ ଚର୍ତୁଭୁଜା । ତାଙ୍କର ହସ୍ତରେ ପଦ୍ମକଢ଼, ଜପମାଳା ରହିଛି । ମା'ଙ୍କ ମୂର୍ତ୍ତିର ଉଚ୍ଚତା ପାଖାପାଖି ଛଅଫୁଟ ଏବଂ ମା'ଙ୍କ ଚଳନ୍ତି ପ୍ରତିମା ରୂପେ ପୂଜିତ ମହିଁସାସୁର ମର୍ଦ୍ଦିନୀ ଦୁର୍ଗା, କନକଦୁର୍ଗା ଓ ମଙ୍ଗଳା ମା'ଙ୍କ ସିଂହାସନ ଉପରେ ମଧ୍ୟ ପୂଜା ପାଉଛନ୍ତି । କଳା ମୁଗୁନି ପଥରରେ ନିର୍ମିତ ମୁଖଶାଳାକୁ ଲାଗିଥିବା ନାଟ ମଣ୍ଡପକୁ ପଥଶ୍ରାନ୍ତ ମା'ଙ୍କ ଭକ୍ତମାନେ ବିଶ୍ରାମ ପଥର ବୋଲି କହିଥାନ୍ତି । ମଙ୍ଗଳାଙ୍କ ମନ୍ଦିରଟି ପ୍ରାଚୀନ ନୁହେଁ । ଏହା ୧୮୫୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବା ଜଣାଯାଏ । ଏହା ପୂର୍ବରୁ ଠାକୁରାଣୀ ଏକ କାଠ ମଣ୍ଡପରେ ବହୁଦିନ ବ୍ୟାପୀ ପୂଜା ପାଉଥିଲେ । ପ୍ରାରମ୍ଭରେ ଠାକୁରାଣୀ ଏକ ଚାଳଘରେ ପ୍ରତିଷ୍ଠା ହୋଇଥିଲେ । ମଙ୍ଗଳାଙ୍କ ମନ୍ଦିର ଉତ୍କଳୀୟ ମନ୍ଦିର ଢାଞ୍ଚାରେ ଦୁଇଟି ବିଭାଗରେ ନିର୍ମିତ । ପ୍ରଥମଟି ବଡ଼ ଦେଉଳ ବା ବିମାନ ଏବଂ ତାହାର ସମ୍ମୁଖରେ ମୁଖଶାଳା । ମୁଖଶାଳାର ସମ୍ମୁଖରେ ନାଟମଣ୍ଡପ, ଭୋଗ ମଣ୍ଡପ ପରବର୍ତ୍ତୀ କାଳରେ ନିର୍ମିତ ହୋଇଥିବାର ଜଣାଯାଏ । ବଡ଼ ଦେଉଳ ଓ ମୁଖଶାଳା ଉଭୟ ପୀଢ଼ ଆକାରରେ ନିର୍ମିତ । ବଡ଼ ଦେଉଳର ଉଚ୍ଚତା ୫୦ଫୁଟ ଏବଂ ମୁଖଶାଳା ଉଚ୍ଚତା ୪୫ ଫୁଟ, ଏହି ବଡ଼ ଦେଉଳ ମଧ୍ୟରେ ସିଂହାସନ । ଏହାକୁ କନକ ମଣ୍ଡପ କହନ୍ତି । ବଡ଼ଦେଉଳର ବାହାର ପାର୍ଶ୍ୱ କାନ୍ଥରେ ପାର୍ଶ୍ୱ ଦେବତା ରହିଛନ୍ତି । ଦକ୍ଷିଣ ପାର୍ଶ୍ୱରେ ଗଣେଶ ଏବଂ ପଶ୍ଚିମ ଓ ଉତ୍ତର ପାର୍ଶ୍ୱରେ କଳା ମୁଗୁନି ପଥରର ବିଷ୍ଣୁମୂର୍ତ୍ତି ରହିଛନ୍ତି । ବଡ଼ ଦେଉଳର ଗୋଟିଏ ମାତ୍ର ଦ୍ୱାର ପୂର୍ବ ଦିଗକୁ ମୁଖଶାଳା ମଧ୍ୟକୁ ରହିଛି । ମୁଖଶାଳାର ଚାରି ଦିଗରେ ଚାରୋଟି ଦ୍ୱାର ରହିଛି । ମୁଖଶାଳାର ଭିତର କାନ୍ଥ ଦେହରେ କେତେକ ମୂର୍ତ୍ତି ରହି ପୂଜା ପାଉଛନ୍ତି । କାନ୍ଥରେ ପଶ୍ଚିମ ପାର୍ଶ୍ୱରେ ପିତ୍ତଳର ରାଧାକୃଷ୍ଣ ମୂର୍ତ୍ତି ଏବଂ ମଙ୍ଗଳାଙ୍କର ଏକ ପଥର ମୂର୍ତ୍ତି ରହିଛି । ଅନ୍ୟ ଏକ ସ୍ଥାନରେ ବାମନ ମୂର୍ତ୍ତି ଏବଂ ଭାଗବତ ଗାଦି ରହିଛି ।

ମଙ୍ଗଳାଙ୍କ ମନ୍ଦିର, ମୁଖଶାଳା, ମଣ୍ଡପ ଦ୍ୱୟ ଓ ସିଂହଦ୍ୱାରଟି ଏପରି ଏକ ସରଳରେଖାରେ ନିର୍ମିତ ହୋଇଛି ଯେ, ପ୍ରତିଦିନ ପ୍ରଭାତରେ ସୂର୍ଯ୍ୟଙ୍କର ଉଦୟକାଳୀନ ରଶ୍ମି କନକ ମଣ୍ଡପରେ ବିରାଜିତ ମଙ୍ଗଳାଙ୍କ ମସ୍ତକ ସ୍ପର୍ଶ କରିଥାଏ । ଏହି ସମୟର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ମନ୍ଦିରର ଚତୁଃପାର୍ଶ୍ୱରେ ପ୍ରାୟ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପାଚେରୀ ଘେରି ରହିଛି । ବେଢ଼ାର ଦୈର୍ଘ୍ୟ (ପୂର୍ବ-ପଶ୍ଚିମ) ୧୬୧ ଫୁଟ ଏବଂ ପ୍ରସ୍ଥ (ଉତ୍ତର-ଦକ୍ଷିଣ) ୧୩୬ ଫୁଟ । ବେଢ଼ାର ପୂର୍ବଦ୍ୱାର ଅନ୍ୟ ଦିଗର ଦ୍ୱାର ମାନଙ୍କ ଅପେକ୍ଷା ପ୍ରଶସ୍ତ । ଏହାକୁ ସିଂହଦ୍ୱାର ମଧ୍ୟ କହନ୍ତି । ଏହି ଦ୍ୱାର ଉପରେ ନବଗ୍ରହ ମୂର୍ତ୍ତି ଖୋଦିତ ହୋଇଛି । ଦ୍ୱାରର ଦୁଇ ପାର୍ଶ୍ୱରେ ଦୁଇଟି ସଶସ୍ତ୍ର ଦ୍ୱାରପାଳ ମୂର୍ତ୍ତି ଏବଂ ସମ୍ମୁଖରେ ଦୁଇଟି ସିଂହ ମୂର୍ତ୍ତି ରହିଛନ୍ତି ।

ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ପତିତପାବନ ମୂର୍ତ୍ତି ପୂଜା ପାଉଛନ୍ତି । ପୂର୍ବେ ଏହି ମୂର୍ତ୍ତି ମୂଳାଗଡ଼ ଶ୍ରୀରାମପୁର ଶାସନରେ ପୂଜା ପାଉଥିଲେ । ସେଠାରେ ମନ୍ଦିରଟି ଭାଙ୍ଗିଯିବାରୁ ପଣ୍ଡାମାନେ ଏହି ମୂର୍ତ୍ତି ଆଣି ମଙ୍ଗଳାଙ୍କ ବେଢ଼ା ମଧ୍ୟରେ ଏକ ଚାଳଘରେ ପୂଜା କରୁଛନ୍ତି । ବେଢ଼ାର ଉତ୍ତର-ପୂର୍ବ କୋଣରେ ସ୍ନାନ ମଣ୍ଡପ ରହିଛି । ସ୍ନାନ ପୂର୍ଣ୍ଣିମୀ ଦିନ ଏହି ମଣ୍ଡପରେ ପତିତପାବନଙ୍କର ସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ ।

ମା'ଙ୍କର ନିତିଦିନିଆ ନୀତି ଭିତରେ ସାତଟି ନୀତି ରହିଛି । ଦୈନିକ ପୂଜା ବ୍ୟତୀତ ମଙ୍ଗଳବାର ଦିନ ଭିଡ଼ ହୋଇଥାଏ । ଏହା ବ୍ୟତୀତ ଦୁର୍ଗାପୂଜା, ଝାମୁ ଯାତ୍ରା, ବାସନ୍ତୀ ପୂଜା, ଚନ୍ଦନ ଯାତ୍ରା, ଦୋଳଯାତ୍ରାରେ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ତେବେ ଚୈତ୍ରମାସର ଝାମୁଯାତ୍ରା ସବୁଠାରୁ ପ୍ରସିଦ୍ଧ । ମଙ୍ଗଳାଙ୍କ ସିଂହାସନ ଉପରେ ପ୍ରତିଷ୍ଠିତ କନକଦୁର୍ଗାଙ୍କର ଆଶ୍ୱିନ ମାସରେ ଷୋଳପୂଜା ଅନୁଷ୍ଠିତ ହୁଏ । ମା'ଙ୍କ ସେବା ପୂଜା ନିମିତ୍ତ ସେବକ ଓ ସେବାୟତଙ୍କ ସମେତ ଜମି ମଧ୍ୟ ରହିଛି । ବିଧିବଦ୍ଧ ଭାବେ ଟ୍ରଷ୍ଟବୋର୍ଡ଼ ଦ୍ୱାରା ମା'ଙ୍କ ନୀତି ଓ ପୂଜା ପ୍ରଚଳିତ ହୋଇ ଆସୁଛି ।

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ :
୭୩୨୫୯୦୪୯୨୭/୭୩୭୭୪୩୯୦୭୭
E-mail : kishorekumarjena.adv@gmail.com

# ସମ୍ପାଦକୀୟ

## ଜଙ୍ଗଲ କ୍ଷୟ ବିନାଶର କାରଣ

ମଣିଷ ସମାଜର କଲ୍ୟାଣ ତଥା ପରିବେଶ ସୁରକ୍ଷା ପାଇଁ 'ଗଛ ଲଗାଅ', "ଜଙ୍ଗଲ ବଢ଼ାଅ, "ପିଲାଟିଏ, ଗଛଟିଏ, ମା' ପାଇଁ ଗଛଟିଏ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଲୋଗାନ ହେଉଥିବାବେଳେ 'ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)କୁ କେନ୍ଦ୍ର ସରକାର ପ୍ରଦାନ କରିଥିବା ରିପୋର୍ଟରେ ଦେଶରେ ଜଙ୍ଗଲ ଜମିର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରିଛି । ଏନଜିଟିକୁ ପ୍ରଦାନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ୧୩,୦୦୦ବର୍ଗ କିଲୋମିଟରରୁ ଅଧିକ ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି । ଯାହାକି ଦିଲ୍ଲୀ, ସିକିମ୍ ଓ ଗୋଆ ଆଦି ରାଜ୍ୟର ମୋଟ ପରିସୀମା ବା ଆୟତନ ଠାରୁ ଅଧିକ । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜଙ୍ଗଲ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧ ପାଉଥିବାବେଳେ ଅବକ୍ଷୟ ମଧ୍ୟ ବଢ଼ିଚାଲିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, କେବଳ ମଧ୍ୟପ୍ରଦେଶରେ ୫୬୪୦.୯ବର୍ଗ କି.ମି. ଜଙ୍ଗଲଜମି ଜବରଦଖଲରେ ରହିଥିବାବେଳେ ଏହା ପଛକୁ ରହିଛି ଆସାମ, ସେହିପରି କର୍ଣ୍ଣାଟକ, ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ, ଉତରପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜମି ମଧ୍ୟ କମ ନୁହେଁ, ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଏବେ ବି ଜଙ୍ଗଲ ଜମି ଅବରୋଧ ନେଇ ରିପୋର୍ଟ ପ୍ରଦାନ କରିନଥିବା କୁହାଯାଏ । ଦୃତ ଶିଳ୍ପାୟନ, ସଡକ ପଥର ବିକାଶ, ନୂତନ ବସତି ପ୍ରତିଷ୍ଠା, ରେଳପଥ ଜଙ୍ଗଲ ପୋଡି ଏବଂ ଆଖିବୁଜା ବୃକ୍ଷ କାଟ ଯୋଗୁଁ କେବଳ ଜଙ୍ଗଲ କ୍ଷୟ ହେଉ ନାହିଁ, ଜଙ୍ଗଲ ଜମିର ଅବକ୍ଷୟ ବଢିଚାଲିଛି । ଉଦାହରଣ ସ୍ୱରୁପ ଗ୍ରେଟ ନିକୋବର ଦ୍ୱୀପରେ କେନ୍ଦ୍ର ସରକାରଙ୍କର ୮୦ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ ଯୋଗୁଁ ବିଷୁବ ମଣ୍ଡଳରେ ୧୩୦ବର୍ଗ କି.ମି. ଜଙ୍ଗଲ ଜମି ପରିବର୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି । ତେଲେଙ୍ଗାନା ବର୍ତମାନ ସୁଦ୍ଧା ଜଙ୍ଗଲ ଜମି ଜବରଦଖଲର ରିପୋର୍ଟ ଦେଇନଥିବା ବେଳେ ନିକଟରେ ଜଙ୍ଗଲ ଜମିରେ ଏକ ବୃହତ ପ୍ରକଳ୍ପ ନିର୍ମାଣ ପାଇଁ କ୍ଲିଅରାନ୍ସ ଦେଇଛି । କେବଳ ତେଲେଙ୍ଗାନା ନୁହେଁ, ଦେଶର ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦ୍ରୁତ ଶିଳ୍ପାୟନ ତଥା ମେଗା ପ୍ରୋଜେକ୍ଟ, ରେଳପଥ, ସଡକ ପଥ ନିର୍ମାଣ ପ୍ରସ୍ତାବ ରହିଛି । ଯାହା ବିକାଶର ବାର୍ତାବହ । ପରିବେଶ ବା ଜଙ୍ଗଲ ଜମି କ୍ଷୟର ଦ୍ୱାହି ଦେଇ ଜଙ୍ଗଲ ଜମିରେ ନିର୍ମାଣକୁ ରୋକାଯିବା ସମ୍ଭବ ନୁହେଁ । ସେହିପରି ନୂଆ ବସତି ସ୍ଥାପନ ଏବେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ଭାବେ ଉଭା ହୋଇଛି । ନିଜର ଭୋଟ ବ୍ୟାଙ୍କ ପାଇଁ କୌଣସି ସରକାର ବା ରାଜନୈତିକ ଦଳ ଜଙ୍ଗଲ କ୍ଷୟ ରୋକିବାକୁ ଆଗ୍ରହୀ ନଥିବା କୁହାଯାଇପାରେ । ଏହା ନିସନ୍ଦେହ ଯେ, ଦେଶରେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ହେଉଛି, ଜଙ୍ଗଲ ପୋଡି ବା ଜଙ୍ଗଲ ଅଗ୍ନିକାଣ୍ଡ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଜଙ୍ଗଲରେ ଅଗ୍ନିକାଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଚାଷ, କାଠ ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଘଟୁଛି । ଚଳିତ ବର୍ଷ ଖରାଦିନ ଆରମ୍ଭରେ ଆମ ରାଜ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଦୁଇବର୍ଷ ପୂର୍ବେ ଏସିଆ ମହାଦେଶର ସର୍ବବୃହତ ଅଭୟାରଣ୍ୟରେ ଅଗ୍ନିକାଣ୍ଡ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶ ପାଇଁ ଉଦ୍‌ବେଗର କାରଣ ଥିଲା । ଗ୍ଲୋବାଲ ଫରେଷ୍ଟ ୱାଚ ମନିଟରିଂ ପ୍ରୋଜେକ୍ଟ ପକ୍ଷରୁ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ୨୦୦୧ରୁ ୨୦୨୨ ମଧ୍ୟରେ ନିଆଁଲାଗି ଓଡିଶାର ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲ ଜମିର ଅବକ୍ଷୟ ଘଟିଥିବା କୁହାଯାଇଛି । ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୦୦ରୁ ୨୦୨୩ ମଧ୍ୟରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି, ଯାହାକି ସମଗ୍ର ବିଶ୍ୱରେ ନଷ୍ଟ ଜଙ୍ଗଲର ୬ପ୍ରତିଶତ ଉପଗ୍ରହ ଓ ଅନ୍ୟ ଉତ୍ସ ସହାୟତାରେ ଜଙ୍ଗଲ ପରିବର୍ତନ ଉପରେ ନଜର ରଖିଥିବା ଗ୍ଲୋବାଲ ଫରେଷ୍ଟ ୱାଚ୍ ସୂଚନା ଅନୁଯାୟୀ ୨୦୦୨ରୁ ୨୦୨୩ ମଧ୍ୟରେ ଭାରତରେ ୪,୧୪,୦୦୦ହଜାର ଆର୍ଦ୍ର ଜଙ୍ଗଲ (୪.୧ ପ୍ରତିଶତ) ନଷ୍ଟ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ବିଶ୍ୱବ୍ୟାପୀ ନଷ୍ଟ ହୋଇଥିବା ଜଙ୍ଗଲର ଏହାର ୧୮ପ୍ରତିଶତ । ଏହା ନିସନ୍ଦେହ ଯେ, ଏବେ ଯେଉଁ ହାରରେ ଦେଶରେ ଜଙ୍ଗଲ ଜମି ଜବରଦଖଲ ଓ ନଷ୍ଟ ହେଉଛି, ତାହା ବର୍ତମାନଠାରୁ ରୋକା ନଗଲେ, ଭବିଷ୍ୟତରେ କେବଳ ମାନବ ସମାଜ ନୁହେଁ, ସମଗ୍ର ସୃଷ୍ଟି ପାଇଁ ବିନାଶର କାରଣ ହେବ ।

# ଡାଇରେକ୍ଟ ଆକ୍ସନ ଡେ, ନୋଆଖାଲୀ ନରସଂହାରର ଲୁଚାଯାଇଥିବା ସତ ଓ ବେଙ୍ଗଲ ଫାଇଲ୍ସ

**ଡ. ସମନ୍ୱୟ ନନ୍ଦ**

କୁହାଯାଏ ଯେ ଇତିହାସକୁ ଯଦି ଆମେ ନ ଜାଣିବା ତେବେ ଇତିହାସ ପୁଣି ଥରେ ଦୋହରାଇଥାଏ । ହେଲେ ଯଦି ଇତିହାସକୁ ଷଡଯନ୍ତ୍ରପୂର୍ବକ ଯୋଜନାବଦ୍ଧ ଭାବେ ଲୁଚାଇ ଦିଆଯାଏ ବା ଇତିହାସର ସତ୍ୟତାକୁ ଢାଙ୍କି ଦିଆଯାଏ ତେବେ କଣ ଇତିହାସର ବାସ୍ତବିକତାକୁ କେବେ ଆମେ ଜାଣି ପାରିବା ? ଦୁର୍ଭାଗ୍ୟର ବିଷୟ ଯେ ଭାରତରେ ସ୍ୱାଧୀନତା ପର ଠାରୁ ଏହା ହିଁ ହୋଇ ଆସିଛି । ଦେଶ ବିଭାଜନ ଓ ହିନ୍ଦୁ ମାନଙ୍କ ପ୍ରତି ହୋଇଥିବା ବର୍ବରତାର କାହାଣୀକୁ ଜାଣିଶୁଣି ଗଙ୍ଗା- ଯମୁନୀ ତହଜିବ ନାମରେ ସୁନିୟୋଜିତ ଭାବେ ଲୁଚା ଯାଇଛି । ଯାହା ଫଳରେ ଅଧିକାଂଶ ଭାରତୀୟଙ୍କୁ ବିଶେଷ ଭାବେ ନୂତନ ପୀଢିର ପିଲା ମାନେ ବର୍ବରତାର କାହାଣୀ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ।

ହଜାର ହଜାର ବର୍ଷର ସଭ୍ୟତାକୁ ନିଜ କୋଳରେ ଖେଳାଇଥିବା ଭାରତ ମାତାର ବିଭାଜନ ପଛର ଖଳନାୟକ ଓ ପ୍ରତୀକାତ୍ମକ ଭାବେ କୋଲକାତା ଓ ନୋଆଖାଲିରେ ହିନ୍ଦୁ ମାନଙ୍କର ନରସଂହାରର ବର୍ବର ଓ ଲୋମହର୍ଷଣକାରୀ କାହାଣୀକୁ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ବେଙ୍ଗଲ ଫାଇଲ୍ସରେ ଦର୍ଶାଇଛନ୍ତି । ଏହି ଫିଲ୍ମ କେବଳ ଯେ ଇତିହାସ ଉପରୁ ପରଦା ଉଠାଉ ନାହିଁ ବରଂ ୧୯୩୦-୪୦ ଦଶକରେ ଯେଭଳି ଭାବେ ଭାରତ ବିଭାଜନ ପାଇଁ ପ୍ରସ୍ତୁତି କରାଯାଇ ସ୍ଥିତି ଉତ୍ପନ୍ନ କରାଯାଇଥିଲା ଆଜି ମଧ୍ୟ ସେହି ସମାନ ସ୍ଥିତି ଉତ୍ପନ୍ନ କରାଯାଉଛି ତାକୁ ମଧ୍ୟ ଦର୍ଶାଇଛନ୍ତି । ଏହି ଫିଲ୍ମ ଲୁଚାଯାଇଥିବା ଇତିହାସକୁ ଲୋକଙ୍କୁ ଜଣାଇବା ସହ ଭବିଷ୍ୟତ ପାଇଁ ମଧ୍ୟ ଚେତାବନୀ ପ୍ରଦାନ କରୁଛି । ସେତେବେଳେ କିଭଳି ଦେଶର ନେତା ବୋଲାଉଥିବା କିଛି ଲୋକ ଦିଲ୍ଲୀରେ ବସି ସାରା ଦେଶର ଲୋକ ମାନଙ୍କର ଭାଗ୍ୟ ନିର୍ଧାରଣ କରି ଦେଲେ ଓ ଏହି କାରଣରୁ କିଭଳି ଲକ୍ଷ ଲକ୍ଷ ଲୋକଙ୍କ ବର୍ବରତାର ସହ ହତ୍ୟା ହେଲା ତାହାକୁ ସ୍ପଷ୍ଟ କରୁଛି ।

ତତ୍କାଳୀନ ବଙ୍ଗର ମୁଖ୍ୟମନ୍ତ୍ରୀ ସୁହରାବର୍ଦ୍ଦୀ, ମୋହମ୍ମଦ ଅଲି ଜିନ୍ନାଙ୍କର ଡାଇରେକ୍ଟ ଆକ୍ସନ ଡେ ଆହ୍ୱାନ ପରେ ଦୁଇ ଦିନ ପାଇଁ କୋଲକାତା ସହରରୁ ମୁସଲିମ ଲିଗର ଗୁଣ୍ଡା ମାନଙ୍କ ହାତରେ ଛାଡି ଦେବାର ସମସ୍ତ ବ୍ୟବସ୍ଥା କରିଥିଲା । ଅଗଷ୍ଟ ୧୬ ତାରିଖ ଦିନ କଲିକତାରେ ଯାହା ହେଲା ତାହା ଅବର୍ଣ୍ଣନୀୟ । ଏହା କଲିକତା ଜନସଂହାର ନାମରେ ଖ୍ୟାତ । ଏହି ଜଘନ୍ୟ ଜନସଂହାର ପାଇଁ ମଂଚ ସ୍ୱୟଂ ବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୁହାରବର୍ଦୀ ତିଆରି କରିଥିଲା । କଲିକତା ଓ ଏହାର ଆଖପାଖ ଅଂଚଳରେ ବଛା ବଛା ଗୁଣ୍ଡା ମାନଙ୍କୁ ଏକାଠି କରି ଯାଇଥିଲା । ତାଙ୍କୁ ଆଗ୍ନେୟାସ୍ତ୍ର ଓ ଅନ୍ୟ ଅସ୍ତ୍ର ଶସ୍ତ୍ର ପ୍ରଦାନ କରା ଗଲା । ପେଟ୍ରୋଲର ଅଭାବ ହେବା କାରଣରୁ ସେମାନଙ୍କୁ ପେଟ୍ରୋଲର ରାସନ କୁପନ ବିନା ମୂଲ୍ୟରେ ପ୍ରଦାନ କରା ଯାଇଥିଲା । ହାଓଡାର ଗୁଣ୍ଡା ମାନଙ୍କର ସମୂହର ନେତୃତ୍ୱ କଲିକତାର ତତ୍କାଳୀନ ମେୟର ଶରିଫ ଖାଁ ସମ୍ଭାଳିଥିଲା । ୨୪ ପୋଲିସ ମୁଖ୍ୟାଳୟ ମଧ୍ୟରୁ ୨୨ଟିରେ ହିନ୍ଦୁ ପୋଲିସ ଅଧିକାରୀ ମାନଙ୍କ ସ୍ଥାନରେ ମୁସଲିମ ଅଧିକାରୀ ମାନଙ୍କୁ ନିଯୁକ୍ତ କରାଗଲା । ବଳକା ୨ଟି ସ୍ଥାନରେ ଆଂଗ୍ଲୋ ଇଣ୍ଡିଆନ ଅଧିକାରୀ ଥିଲେ ।

ଅଗଷ୍ଟ ୧୬ ତାରିଖ ଦିନ ସକାଳ ମୁସଲିମ ଲିଗ ପକ୍ଷରୁ ଜୁଲୁସ ବାହାର କରାଗଲା । ମୁଖ୍ୟମନ୍ତ୍ରୀ ସୁହାରବର୍ଦୀଙ୍କ ଅଧକ୍ଷତାରେ ଏକ ବିଶାଳ ସଭା ହେଲା । ଏହି ସଭାରେ ଜଣେ ପରେ ଜଣେ ବକ୍ତା ହିନ୍ଦୁ ମାନଙ୍କର ବିନାଶ ପାଇଁ ଶପଥ ନେଲେ । କାଫିର ମାନଙ୍କ ବିରୁଦ୍ଧରେ ଜେହାଦର ଖୋଲାଖୋଲି ଘୋଷଣା କରା ଗଲା । ସଭା ସରିଲା ପରେ ସେଠାରୁ ଫେରୁଥିବା ଲୋକ ମାନେ ହିନ୍ଦୁ ମାନଙ୍କ ବିରୁଦ୍ଧରେ ହିଂସା ଆରମ୍ଭ କରି ଦେଲେ । ଭୀଷଣ ମାତ୍ରାରେ ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ ଆରମ୍ଭ ହୋଇଗଲା । ଏପରି ଲାଗୁଥିଲା ଯେ ମଧ୍ୟକାଳୀନ ବର୍ବରତାପୂର୍ଣ୍ଣ ଇସଲାମୀ ଆକ୍ରମଣ ପୁଣି ଥରେ ଆରମ୍ଭ ହୋଇ ଯାଇଛି । ଏହି ତାଣ୍ଡବ ଲଗାତାର ଦୁଇ ଦିନ ଧରି ଚାଲିଥିଲା । ଏହାକୁ ଅଟକାଇବା ପାଇଁ କେହି ନ ଥିଲେ । ଯାହାକୁ ମଧ୍ୟ ଆପରାଧିକ କାରଣ ପାଇଁ ବନ୍ଦୀ କରା ଯାଇଥିଲା ସେମାନଙ୍କୁ ଜେଲରୁ ଖଲାସ କରି ଦିଆ ଯାଇଥିଲା । ଏହି ନିର୍ଦେଶ ସ୍ୱୟଂ ମୁଖ୍ୟମନ୍ତ୍ରୀ ସୁହାରବର୍ଦୀ ଦେଇଥିଲା ଯିଏ ନିଜେ ପୋଲିସ ନିୟନ୍ତ୍ରଣ କକ୍ଷରୁ ଏହି ହିଂସାକୁ ପରିଚାଳିତ କରୁଥିଲା । କଲିକତାର ସଡକରେ ୧୦ ହଜାରରୁ ଅଧିକ ନର- ନାରୀ ଓ ପିଲା ମାନଙ୍କର ହତ୍ୟା ହୋଇଥିଲା । ୧୫ ହଜାରରୁ ଅଧିକ ଲୋକ ଅତ୍ୟନ୍ତ କ୍ଷତ ବିକ୍ଷତ ହୋଇଥିଲେ । ଏକ ଲକ୍ଷରୁ ଅଧିକ ଲୋକଙ୍କର ଘର ଜାଳି ଦିଆ ଯାଇଥିଲା । ଦାନବତାର ନଗ୍ନ ଚିତ୍ର କଲିକାତା ସହରରେ ଦେଖା ଯାଇଥିଲା । ଏହାର ଚିତ୍ରଣ ଏହି ଫିଲ୍ମରେ କରାଯାଇଛି । ଏହା ପରେ ମୁସଲିମ ଲିଗ ତାର ଡାଇରେକ୍ଟ ଆକ୍ସନକୁ ନୋଆଖାଲିକୁ ସ୍ଥାନାନ୍ତରିତ କରି ଦେଇଥିଲା । ନୋଆଖାଲି ଜିଲ୍ଲାରେ ସେତେବେଳେ ଜନସଂଖ୍ୟା ୨୮ ଲକ୍ଷ ଥିଲା । ସେଥି ମଧ୍ୟରୁ ୮୧ ପ୍ରତିଶତ ଜନସଂଖ୍ୟା ମୁସଲମାନ ମାନଙ୍କର ଥିଲା । ଗୁଲାମ ସରାବର ହୁସୈନୀ ୧୯୩୦ରୁ ୧୯୪୦ ଦଶକ ଯାଏ ଏହି ଅଂଚଳର ଏକ ପୀର ଓ କଟ୍ଟର ମୁସଲମାନ ନେତା ଥିଲା । ଏହି ବ୍ୟକ୍ତି ହିଁ ନୋଆଖାଲୀର ସାଧାରଣ ଲୋକ ମାନଙ୍କୁ ଇସଲାମିକ କଟ୍ଟରତାର ପାଠ ପଢାଇ ଆସୁଥିଲା । ତା ଦ୍ୱାରା ସ୍ଥାପିତ ମୁସଲିମ ନେସନାଲ ଗାର୍ଡ୍ସ ଅନେକ ବର୍ଷ ଧରି ସେଠାକାର ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କରି ଆସୁଥିଲା । ଅକ୍ଟୋବର ମାସରେ ହେବାକୁ ଥିବା ହିନ୍ଦୁ ମାନଙ୍କ ଉପରେ ନରସଂହାର ପାଇଁ ଯୋଜନା ସେପ୍ଟେମ୍ବରରୁ ଆରମ୍ଭ କରି ଦିଆଯାଇଥିଲା । ହୁସୈନୀ ଗାଁ ଗାଁରେ ଗୁପ୍ତ ବୈଠକ ମାନ କରୁଥିଲା । ହିନ୍ଦୁ ବେପାରୀ ମାନଙ୍କୁ ବେପାର କରିବାକୁ ଦିଆ ଗଲା ନାହିଁ । ମୁସଲମାନ ମାନଙ୍କୁ ପେଟ୍ରୋଲ ଓ କିରୋସିନି ଏକତ୍ରିତ କରିବାକୁ କୁହାଗଲା । ଅସ୍ତ୍ର ଶସ୍ତ୍ର ବଂଟା ଗଲା । ମୁସଲିମ ଗାର୍ଡ ମାନଙ୍କୁ ପ୍ରଶିକ୍ଷଣ ଦିଆଗଲା । ଏହା ପରେ ୧୦ ଅକ୍ଟୋବର ୧୯୪୬ ମସିହା ଲକ୍ଷ୍ମୀ ପୂଜା ଦିନ ନୋଆଖାଲୀ ନରସଂହାର ଆରମ୍ଭ ହୋଇଥିଲା ଓ ଏହି ଅଂଚଳକୁ ହିନ୍ଦୁ ବିହୀନ କରି ଦିଆଗଲା । ଏହି ଅଂଚଳରେ ଯେପରି ହିଂସା କରାଗଲା ତାହା ମଧ୍ୟ ଅବର୍ଣ୍ଣନୀୟ ଥିଲା । ସପ୍ତାହ ସପ୍ତାହ ଧରି ଜେହାଦ ଚାଲିଥିଲା । ଭୟଙ୍କର ନରସଂହାର ହେଲା, ହିନ୍ଦୁ ମାନଙ୍କର ବ୍ୟାପକ ଧର୍ମାନ୍ତରଣ କରା ଯାଇଥିଲା । ହିନ୍ଦୁ ମହିଳା ମାନଙ୍କର ଅପହରଣ କରା ଯାଇ ତାଙ୍କ ସହିତ ବଳପୂର୍ବକ ନିକାହ କରାଗଲା । (କ୍ରମଶଃ)

# କୃଷି ସମୃଦ୍ଧ ଯୋଜନାରେ ଆଗେଇବ ରାଜ୍ୟର କୃଷି ପ୍ରଗତି

**ହୃଷିକେଷ ପୁହାଣ**

ଓଡ଼ିଶା ଏକ ପ୍ରବଣ ଓ ଚାଷ ବାସ ହିଁ ଓଡ଼ିଶାବାସୀଙ୍କ ମୁଖ୍ୟ ଜୀବନ ଜୀବିକା ରୋଜିରୋଟି ଓ ଅର୍ଥନୀତି । ଅନେକ ହୁଏତ ଜାଣିନଥିବେ ଆମ ଚାଷୀ ପୁଅମାନେ ହେଉଛନ୍ତି ସମଗ୍ର ଓଡ଼ିଶା ଜନସଂଖ୍ୟାର ବଡ଼ ଓ ମୁଖ୍ୟ ଆଧାର । ପରିସଂଖ୍ୟାନରୁ ଜଣାଯାଇଛି ମୋଟ ଶ୍ରମ ଶକ୍ତିରୁ ପାଖାପାଖି ୫୦% କେବଳ କୃଷି ଓ ଏହି ଚାଷବାସ ସମ୍ପର୍କିତ ହିଁ ଆୟ ହୋଇଥାଏ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ନେବାପରେ ଓଡ଼ିଶାବାସୀଙ୍କ ମୁଖ୍ୟ ଅବଲମ୍ବନ କୁହାଯାଉଥିବା କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦିନଥିଲା ବନ୍ୟା, ବାତ୍ୟା, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟୟ ଓ ତତ୍ ଜନିତ କ୍ଷୟକ୍ଷତିକୁ ନେଇ ଚାଷୀ ଆତ୍ମହତ୍ୟା ଉଦବେଗଜନକ ହୋଇପଡୁଥିଲା ତେବେ ସେ ସମୟ ଆଉ ନାହିଁ । ବର୍ତ୍ତମାନର ମୋହନ ସରକାର କୃଷି ନୀତିକୁ ସଂଗଠିତ କରି ଏହାକୁ ଯୋଜନାବଦ୍ଧ ଭାବରେ ତ୍ୱରାନ୍ୱିତ କରିବା ସହ ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଓ ଡିଜିଟାଇଜେସନ ଭଳି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହେବା ସହ ଉଲ୍ଲେଖନୀୟ ଭାବେ କେବଳ ଅଭିବୃଦ୍ଧି ହୋଇନାହିଁ ବରଂ ସମଗ୍ର ଭାରତକୁ ଏବେ କୃଷି ଉତ୍ପାଦନ ଭିତ୍ତିକ ରାଜ୍ୟ ଭାବେ ଏବଂ ରେକର୍ଡ଼ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରି ଓଡ଼ିଶା ତାର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଶାର ଚାଷବାସ ଭିତରେ ମୁଖ୍ୟତଃ ହେଉଛି ଧାନ ଚାଷ । ତେଣୁ ସରକାର ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରି ଚାଷୀକୁ ଆଗେଇବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି ।

ମୋହନ ସରକାରଙ୍କ ଡବଲ ଇଞ୍ଜିନ ସରକାରର ଚାଷୀ ନୀତି ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମୃଦ୍ଧ କୃଷକ ଯୋଜନା । ଏହି ଯୋଜନା ଦ୍ୱାରା ଓଡ଼ିଶାର ଚାଷୀପୁଅମାନଙ୍କ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପି ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି । ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଖାଦ୍ୟଥାଳିରେ ପୁଷ୍ଟିଶସ୍ୟର ପୁନରଉଦ୍ଧାର ନିମିତ୍ତ ସରକାର ନୂତନ ଭାବେ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ କରିଛନ୍ତି । ସୂଚନାଥାଉକି ରାଜ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିବା ଏହି ଯୋଜନାଟି ତମାମ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି । ସରକାର ଚାଷୀପୁଅଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ସେମାନଙ୍କ ସହାୟତା ନିମିତ୍ତ ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନ କରି ମାଣ୍ଡିଆ କ୍ରୟ କରୁଛନ୍ତି । ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି ।

ସରକାର କୃଷି କ୍ଷେତ୍ର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା କୃଷି ଉତ୍ପାଦନ ଓ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାର ପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି । ଏହାର ସୁଫଳ ଚାଷୀପୁଅମାନେ ପାଉଛନ୍ତି ଯାହାଦ୍ୱାରା କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦ କିଲୋୱାଟ ହେକ୍ଟରରେ ପହଞ୍ଚିଛି । ସରକାର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରଖିଛନ୍ତି ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ / ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି ।

କୃଷି ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନିମିତ୍ତ ଲୋକପ୍ରିୟ ମୋହନ ସରକାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସିଏସ) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି । ଏହାର ସୁଫଳ ସ୍ୱରୂପ ୧୬ ଜିଲ୍ଲାର ୧୦୦ଟି ବ୍ଲକରେ ୨୫୮୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି । କେବଳ ସେତିକି ନୁହେଁ ଉତ୍ପାଦକ ଗୋଷ୍ଠୀର ଚାଷୀ ମାନଙ୍କ ଦ୍ୱାରା ୧୧୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି । ଓଡ଼ିଶାର ଲୋକପ୍ରିୟ ମୋହନ ସରକାର ଚାଷୀପୁଅଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ସେମାନଙ୍କୁ ବ୍ୟାଙ୍କିଙ୍ଗ ସହାୟତାର ବ୍ୟବସ୍ଥା କରିବା ସହ କୃଷି ବିଭାଗ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛି ଏବଂ ଆନ୍ତର୍ଜାତିକ ସହଯୋଗ ଅନୁଷ୍ଠାନର ମିଳିତ ଉଦ୍ୟୋଗରେ ଉନ୍ନତ କୃଷିଯନ୍ତ୍ରପାତି, ଉପକରଣ ଓ ଆନୁସଙ୍ଗିକ ସହାୟକ ଉପକରଣ କିଣିବା ପାଇଁ ସହଯୋଗ ପ୍ରଦାନ କରାଯାଉଛି । ସରକାର ସହରାଞ୍ଚଳରେ ବାସ କରୁଥିବା ଚାଷ କ୍ଷେତର ଚଷାପୁଅଙ୍କ ପାଇଁ ସିଏମ କିଶାନ ଯୋଜନା ପ୍ରକଳ୍ପ ହାତକୁ ନେଇ ସେମାନଙ୍କ ପାଇଁ ସାମଗ୍ରିକ ସହାୟତା କରୁଛନ୍ତି ଓ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ କିଣିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କର ଚାଷ କ୍ଷୟକ୍ଷତି ଜନିତ କଷ୍ଟକୁ ଲାଘବ କରିବା ପାଇଁ ସହଯୋଗ ରାଶି ପ୍ରଦାନ କରିଥାଏ । ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ବିଶେଷକରି ରବି ଋତୁରେ ଜଳସେଚନ ସୁବିଧା ନଥିବାରୁ ଫସଲ ପ୍ରସ୍ତୁତି ଓ ଉତ୍ପାଦନ କଷ୍ଟକର ହୋଇଥାଏ । ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ନୂତନ ଭାବେ ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମିତ୍ତ 'ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ' ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମିତ୍ତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ହେଉଛି ଲୋକପ୍ରିୟ ମୋହନ ସରକାର ଅମୃତ ଅନ୍ନ ଯୋଜନା ହାତକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ପ୍ରସ୍ତୁତି ତଥା କୋଠଭୋଗ ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତି ପାଇଁ ଜୈବିକ ପ୍ରଣାଳୀ ଧାନ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି । ଓଡ଼ିଶାର ଚାଷୀ ପୁଅ ତାର ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିବା ପାଇଁ ଶୀତଳ ଭଣ୍ଡାର ଉପରେ ନିର୍ଭରଶୀଳ ଥିବାରୁ ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ଯୋଜନାବଦ୍ଧ କରି ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଘରୋଇ ସହଯୋଗରେ ପ୍ରତିଷ୍ଠାର ଯୋଜନା ରହିଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଦ୍ୱାରା ଯୁବ ଉଦ୍ୟୋଗୀ ବା ଯୁବଚାଷୀମାନେ ଚାଷବାସ ପ୍ରତି ଆଗ୍ରହ ବଢ଼ାଉଛନ୍ତି ଏବଂ ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛନ୍ତି ।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଏପରି ଏକ ଚାଷୀ ଅନୁକୂଳ ଓ ଚାଷୀ ଅର୍ଥନୀତିକୁ ସୁଦୃଢ଼ କରୁଥବା ବିଶାଳ କାର୍ଯ୍ୟକ୍ରମ ସରକାରଙ୍କ ଏହି ବଡ଼ ଯୋଜନାରେ ଚାଷୀ ଓ ଏହି ସମ୍ପର୍କିତ ଉଦ୍ୟୋଗ ପ୍ରତିଷ୍ଠା ନିମିତ୍ତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତ ବିକାଶର ମୂଳକେନ୍ଦ୍ର ଓଡ଼ିଶା ହୋଇଥିବାରୁ ଏବଂ ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ନିମିତ୍ତ ବିଶେଷକରି ଓଡ଼ିଶାରେ କୃଷି ପ୍ରଗତିକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ କୃଷି ଅର୍ଥନୀତିର ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ କରିଛନ୍ତି ସେ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।

ଥାଇଲୋ, ଅଲିକଣ୍ଡା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮, ଦୂରଭାଷ : ୭୦୦୮୪୩୮୯୫୯

# ବୟସ ୫୦ ପ୍ଲସ, ସୁସ୍ଥ ରହିବା ପାଇଁ କିଛି କଥା

**ଡାକ୍ତର ଗୁରୁପଦ ମିଶ୍ର**

ବୟସ ବଢ଼ିବା ସହିତ ଶରୀରରେ ମଧ୍ୟ ପରିବର୍ତ୍ତନ ଆସିଥାଏ । ଏହି ପରିବର୍ତ୍ତନ କେବଳ ମହିଳା ନୁହେଁ, ପୁରୁଷମାନଙ୍କ ମଧ୍ୟରେ ବି ଦେଖାଯାଇଥାଏ । ଆଜିକାଲି ସମସ୍ତେ ପଚାଶ ବର୍ଷ ବୟସରେ ମଧ୍ୟ ସୁସ୍ଥ ଓ ଫିଟ ହେବାକୁ ଚାହାନ୍ତି । କିନ୍ତୁ ସମସ୍ତଙ୍କର ଇଛା ପୂରଣ ହୁଏନାହିଁ । ସାଧାରଣତଃ ୫୦ ବର୍ଷ ବୟସ ପରେ ମହିଳାମାନେ କିଛି ଶାରୀରିକ ସମସ୍ୟାର ସାମ୍ନା କରନ୍ତି । ଶରୀରରେ ଏଷ୍ଟ୍ରୋଜେନ ହରମୋନ କାରଣରୁ ମହିଳାଙ୍କ ରଜନିବୃତ୍ତି ହୁଏ । ଏହି କାରଣରୁ ୫୦ ବର୍ଷ ବୟସରେ ଏପରି କିଛି ଜୀବନ ପ୍ରଣାଳୀ ରହିଥାଏ । ଯାହାକୁ ଆମେ ଆପଣେଇ ନେବା ଉଚିତ । ଆସନ୍ତୁ ଜାଣିବା ୫୦ ବର୍ଷ ବୟସ ପରେ ସୁସ୍ଥ ରହିବା ପାଇଁ ପାଞ୍ଚଟି ସୂତ୍ର । ଦୈନିକ ୧୦ ହଜାର ପାଦ ଚାଲିବା । ଶାରୀରିକ ଭାବରେ ନିଷ୍କ୍ରିୟ ରହିବା ଆପଣଙ୍କୁ ମେଦବହୁଳ କରିପାରେ । ଶାରୀରିକ ଶ୍ରମ ନ କରିବା ଦ୍ୱାରା ଶରୀରରେ ଅନାବଶ୍ୟକ ମେଦ ଜମା ହୋଇଥାଏ । ଏଣୁ ଧୀରେ ଧୀରେ ହାଡ଼ ଓ ମାଂସପେଶୀ ଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଆନ୍ତି । ଏଣୁ ଆପଣ ଦିନକୁ ୧୦ ହଜାର ପାଦ ଚାଲିବା ଅଭ୍ୟାସ ଆରମ୍ଭ କରନ୍ତୁ, କିଛି ମାସ ପରେ ପାର୍ଥକ୍ୟ ନିଜେ ଜାଣିପାରିବେ । ଚାପମୁକ୍ତ ରହିବା । ଚାପ ଆପଣଙ୍କ ଜୀବନକୁ ପ୍ରଭାବିତ କରିଥାଏ । ଏହା ପଛରେ ଅନେକ କାରଣ ଥାଇପାରେ ଯେପରିକି କାର୍ଯ୍ୟ ଚାପ, ପରିବାର, ଆର୍ଥିକ ପ୍ରତିବନ୍ଧକ, କାମକୁ ଯିବା ଚିନ୍ତା, ଭଲ ଚାକିରି ନ ପାଇବା ଟେନସନ ଆଦି । ଚାପ ଓ ଚିନ୍ତା କମାଇବାକୁ ଚେଷ୍ଟା କରିବା ଆପଣଙ୍କ ପାଇଁ ଭଲ । ଏଥିପାଇଁ ଧ୍ୟାନ କରନ୍ତୁ, ଦେଖିବେ ଏହା ମନକୁ ଶାନ୍ତ କରିବା ସହିତ ଆପଣ ଉର୍ଜାବାନ ଅନୁଭବ କରିବେ । ଖାଦ୍ୟରେ ସାମିଲ କରନ୍ତୁ ଅଧିକ ପୋଷକ ତତ୍ତ୍ୱ । ସୁସ୍ଥ ଜୀବନଯାପନ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପଯୁକ୍ତ ଖାଦ୍ୟପେୟ । ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ରହିବାକୁ ହେଲେ ନିୟମିତ ପୁଷ୍ଟିକର ଖାଦ୍ୟ ଅର୍ଥାତ ଶସ୍ୟ, ଡାଲି ଓ ମଞ୍ଜି ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଉଚିତ । ଏହି ଖାଦ୍ୟ ଗୁଡ଼ିକରେ ଅନେକ ପୋଷକ ତତ୍ତ୍ୱ ଭରି ରହିଥାଏ ।

ନକାରାତ୍ମକ କଥାରୁ ଦୂରେଇ ରହିବା । ଯେତେବେଳେ ନିଷିଦ୍ଧ ବିଷୟ ଗୁଡ଼ିକର କଥା ଆସେ, ଯେପରି ଟଙ୍କା ଉପରେ କିମ୍ବା ଘରର ସମସ୍ୟା କଥା ହେଉ ସେହି ସମ୍ବନ୍ଧରେ ଆମେ ଅଧିକ ଆଲୋଚନା କରିବା ପାଇଁ ଇଛୁକ ହୋଇଥାଉ । ଏହି କଥାଗୁଡ଼ିକ ଆମ ଜୀବନଶୈଳୀ ଉପରେ ପ୍ରଭାବ ପକାଇଥାଏ । ସେଥିପାଇଁ ଏହି ନାକାରାତ୍ମକ କଥାକୁ (କ୍ରମଶଃ)



## ପୁଣି ଠକେଇର ଶିକାର ହେଲେ ପୂର୍ବତନ ଆଇଜି

**ନୂଆଦିଲ୍ଲୀ,୧୯।୯:**ପୂର୍ବତନ ଆଇଜି ଡିକେ ପଣ୍ଡା ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ହ୍ୱାଟ୍ସଆପରେ ଆସିଥିବା ଏକ ଲିଙ୍କରେ କ୍ଲିକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୪୩୨,୦୦୦ଟଙ୍କା ଗାଏବ ହୋଇଯାଇଥିବା ଜଣାପଡ଼ିଛି । ଘଟଣାଟି ସେପ୍ଟେମ୍ବର ୯ ତାରିଖରେ ଘଟିଥିବା ବେଳେ ପଣ୍ଡାଙ୍କ ଅଭିଯୋଗ ଆଧାରରେ ସେପ୍ଟେମ୍ବର ୧୫ ତାରିଖରେ ଧୂମାନଗଞ୍ଜ ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ । ପ୍ରୟାଗରାଜର ଏଡିଏ କଲୋନି ପ୍ରୀତମ ନଗରରେ ରହୁଥିବା ଡିକେ ପଣ୍ଡା କହିଛନ୍ତି, ' ମୁଁ ଇଣ୍ଟରନେଟରେ ଇଣ୍ଡିଆନ୍ ବ୍ୟାଙ୍କ ମୁଣ୍ଡେରା ଶାଖାର ଟୋଲ୍-ଫ୍ରି ନମ୍ବର ଖୋଜୁଥିଲି, ଏହି ସମୟରେ ରାହୁଲ କୁମାର ନାମକ ଜଣେ ବ୍ୟକ୍ତିଙ୍କ ନାମରେ ମୋ ପାଖକୁ ଏକ କଲ୍ ଆସିଥିଲା । ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ଦାବି କରୁଥିବା ରାହୁଲ ମୋତେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ ଏକ ହ୍ୱାଟ୍ସଆପ୍ ଲିଙ୍କ୍ ପଠାଇଥିବା କହିଥିଲେ । ଆଉ ଉକ୍ତ ଲିଙ୍କକୁ ଖୋଲିବା ପାଇଁ ଚାପ ପକାଇଥିଲେ । ଏହି ସମୟରେ ରାହୁଲ ମୋତେ ଫୋନ କାଟିବାକୁ ବାରଣ କରିଥିଲେ । କିଛି ସମୟ ମଧ୍ୟରେ ମୋର ୟୁକୋ ବ୍ୟାଙ୍କ ସଞ୍ଚୟ ଆକାଉଣ୍ଟରୁ ଚାରୋଟି ପର୍ଯ୍ୟାୟରେ ମୋଟ ୪.୩୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିବାର ସୂଚନା ଆସିଥିଲା । 'ଓଡ଼ିଶାର ୧୯୭୧ ବ୍ୟାଚର ଆଇପିଏସ୍ ଅଧିକାରୀ ଡିକେ ପଣ୍ଡାଙ୍କ ପ୍ରୟାଗରାଜର ପ୍ରୀତମ ନଗରରେ ଏକ ବାସସ୍ଥାନ ଅଛି, ଯାହାକୁ ସେ ରାଧା କୁଞ୍ଜ ବୋଲି କୁହନ୍ତି । ଗତ ବର୍ଷ ପଣ୍ଡା ମଧ୍ୟ ସାଇବର ଠକେଇର ଶିକାର ହୋଇଥିଲେ । ସେ ଅଭିଯୋଗ କରି କହିଥିଲେ, 'ଅନଲାଇନ୍ ଟ୍ରେଡିଂ ନାମରେ ୩.୮୧ କୋଟି ଟଙ୍କାର ଲାଭ ଦେଖାଇ ମୋତେ ୮ ଲକ୍ଷ ଟଙ୍କାର ଟିଡିଏସ୍ ଦେବାକୁ ଚାପ ପକାଯାଇଥିଲା ।'

# ଭୟ ବଢାଉଛି H3N2 ଭାଇରସ୍

**ନୂଆଦିଲ୍ଲୀ,୧୯।୯:**ରାଜଧାନୀରେ କୋକୁଆ ଭୟ । ପୁଣି ଫେରିଲାନି ତ କୋଭିଡ । କୋଭିଡ ଠୁ ବି ଏହି ଭାଇରସ୍ ରହୁଛି ସାଂଘାତିକ। ରାଜଧାନୀ ଦିଲ୍ଲୀରେ ଆଜିକାଲି ଏକ ଭାଇରସ୍ ଦ୍ରୁତ ଗତିରେ ବ୍ୟାପୁଛି। ଡାକ୍ତରଙ୍କ ମତରେ, ଏହି ଭାଇରସ୍ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ଲୋକଙ୍କ ପାଇଁ ବିଶେଷ ଭାବରେ ବିପଦଜନକ, ଯେପରିକି ଛୋଟ ପିଲା, ବୟସ୍କ ଏବଂ ପୂର୍ବରୁ କୌଣସି ରୋଗ ଥିବା ବ୍ୟକ୍ତି। ଏହି ଭାଇରସ୍ H3N2 ଭାବରେ ଜଣାଶୁଣା । ଏହାକୁ ରୋକିବା ପାଇଁ, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ପାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭିଡ଼ ସ୍ଥାନଗୁଡ଼ିକୁ ଏଡ଼ାଇବାକୁ ଚେଷ୍ଟା କରନ୍ତୁ, ଏବଂ ଯଦି ଆବଶ୍ୟକ ହୁଏ, ବାହାରକୁ ଯିବା ସମୟରେ ମାସ୍କ ପିନ୍ଧନ୍ତୁ।ଏହା ସଂକ୍ରମଣର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିପାରିବ। ଯଦି ଆପଣ ଉଚ୍ଚ ଜ୍ୱର, କାଶ, ଗଳା ଯନ୍ତ୍ରଣା କିମ୍ବା ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି, ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ, କାରଣ ସମୟୋଚିତ ଚିକିତ୍ସା ଦ୍ୱାରା ଅବସ୍ଥା ଆହୁରି ଖରାପ ହେବାରୁ ରୋକାଯାଇପାରିବ । ଏହି ଭାଇରସ୍ ପିଲା ଏବଂ ବୟସ୍କଙ୍କ ଉପରେ ଅଧିକ ପ୍ରଭାବ ପକାଇଥାଏ । ଏହି ଭାଇରସ୍ ପିଲା ଏବଂ ବୟସ୍କଙ୍କ ଉପରେ ଅଧିକ ପ୍ରଭାବ ପକାଇଥାଏ। ତେଣୁ, ସେମାନଙ୍କର ଖାଦ୍ୟ




ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ସେମାନଙ୍କୁ ଭିଡ଼ ସ୍ଥାନରୁ ଦୂରରେ ରଖନ୍ତୁ । ଯଦି ସେମାନେ କାଶ, ଜ୍ୱର କିମ୍ବା ନିଶ୍ୱାସ ନେବାରେ କଷ୍ଟ ଭଳି ଲକ୍ଷଣ ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କୁ ଦେଖା କରିବା ଗୁରୁତ୍ୱପୂର୍ଣ୍ଣ । ଏହି ଭାଇରସରୁ ରକ୍ଷା ପାଇବା ପାଇଁ, ଏକ ଶକ୍ତିଶାଳୀ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ, ଆମକୁ ଆମର ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ। ଆମର ଖାଦ୍ୟରେ ଭିଟାମିନ ସି ଏବଂ ପ୍ରୋଟିନ ଯୁକ୍ତ ଖାଦ୍ୟ, ଯେପରିକି ଲେମ୍ବୁ, କମଳା, ଗାଜର, ଅଦା ଏବଂ ହଳଦୀ କ୍ଷୀର ଅନ୍ତର୍ଭୁକ୍ତ ହେବା ଉଚିତ। ପ୍ରତିଦିନ ସବୁଜ ପନିପରିବା ଏବଂ ଋତୁକାଳୀନ ଫଳ ଖାଇବା ଶରୀରକୁ ଶକ୍ତିଶାଳୀ କରିଥାଏ ଏବଂ ରୋଗ ସହିତ ଲଢିବାର କ୍ଷମତା ବୃଦ୍ଧି କରିଥାଏ । ଏହା କେବଳ ଖାଦ୍ୟ ନୁହେଁ, ବରଂ ନିଦ୍ରା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ନିଦ୍ରା ଅଭାବ ଶରୀରକୁ ଦୁର୍ବଳ କରିଥାଏ ଏବଂ ସହଜରେ ରୋଗ ହୋଇପାରେ। ତେଣୁ, ପ୍ରତିଦିନ ଅତି କମରେ ୭ ଘଣ୍ଟା ଶୋଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚାପ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରୁଥିବାରୁ ଆମେ ଚାପ ହ୍ରାସ କରିବା ଉପରେ ମଧ୍ୟ ଧ୍ୟାନ ଦେବା ଉଚିତ। ଯୋଗ ଏବଂ ଧ୍ୟାନ ମନକୁ ଶାନ୍ତ କରିବାରେ ଏବଂ ଶରୀରକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ ।

## ମୁଁ ଭାରତ ଓ ମୋଦୀଙ୍କର ଅତି ନିକଟତର

**ନୂଆଦିଲ୍ଲୀ,୧୯।୯:** ରୁଷରୁ ତେଲ କିଣିବା ନେଇ ମାସ ମାସ ଧରି ଶୁଳ୍କ ଧମକ ଦେବା ପରେ ଆମେରିକା ରାଷ୍ଟ୍ରପତି ଭାରତ ପ୍ରତି ନିଜର ଆଭିମୁଖ୍ୟ ନରମ କରିଥିବା ଜଣାପଡିଛି । ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବନ୍ଧୁତାକୁ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ବ୍ରିଟେନର ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମରଙ୍କ ସହ କଥା ହୋଇଛନ୍ତି । ଟ୍ରମ୍ପ୍ କହିଛନ୍ତି, ମୁଁ ଭାରତର ଅତି ନିକଟର । ମୁଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମଧ୍ୟ ଅତି ନିକଟତର । କିଛି ଦିନ ତଳେ ମୁଁ ତାଙ୍କ ସହ କଥା ହୋଇଥିଲି ।



ମୁଁ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛି । ଆମ ଭିତରେ ବହୁତ ଭଲ ସମ୍ପର୍କ ରହିଛି । ଏହି ବୟାନ ସେତେବେଳେ ଆସିଛି, ଯେଉଁ ସମୟରେ ୟୁରୋପୀୟ ଦେଶଗୁଡ଼ିକ, ରୁଷ ଠାରୁ ତେଲ କିଣୁଥିବା ନେଇ ସମାଲୋଚନା କରିଛନ୍ତି ଟ୍ରମ୍ପ । ଋଷରୁ ତେଲ କିଣିବା ନେଇ ଭାରତ ଉପରେ ବାରମ୍ବାର ଅସନ୍ତୋଷ ପ୍ରକାଶ କରିବା ସତ୍ତ୍ୱେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ବିଶ୍ୱ ବଜାରରେ ତୈଳ ଦର ହ୍ରାସ ରୁଷିଆକୁ ଚୁକ୍ତି କରିବାକୁ ବାଧ କରିବାର ସବୁଠାରୁ ବଡ଼ ମାଧ୍ୟମ ବୋଲି ସେ କହିଛନ୍ତି । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ କାରବାରକୁ ନେଇ ଦେଖାଦେଇଥିବା ତିକ୍ତତା, ଏବେ ସୁଧୁରିବା ସ୍ଥିତିରେ ପହଞ୍ଚିଛି । ଖୁବ୍‌ଶୀଘ୍ର ଭାରତରୁ ଆମେରିକା ଶୁଳ୍କ ପ୍ରତ୍ୟାହାର କରିନେବାର ସମ୍ଭାବନା ରହିଛି । ଗୁରୁବାର ଭାରତର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ କହିଥିଲେ ଯେ ନଭେମ୍ବର ୩୦ ପରେ କେତେକ ଆମଦାନୀ ଉପରେ ଲାଗିଥିବା ଶୁଳ୍କକୁ ପ୍ରତ୍ୟାହୃତ ହେବ । ଯଦି ଏପରି ହୁଏ ତେବେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପୁଣି ଥରେ ମଜଭୁତ ହେବ ।

## ରୁଷ୍-ବେଲାରୁଷ୍ ସହ ଯୁଦ୍ଧାଭ୍ୟାସ କରିବ ଭାରତ

**ନୂଆଦିଲ୍ଲୀ,୧୯।୯:**ୟୁକ୍ରେନ ଯୁଦ୍ଧ ଏବଂ ଆମେରିକା ସହ ଟ୍ରେଡ୍ ବିବାଦ ଭିତରେ ଭାରତ ରୁଷ୍ ଏବଂ ବେଲାରୁଷ୍ ସହ ଯୁଦ୍ଧାଭ୍ୟାସ ଲାଗି ସୈନ୍ୟ ପଠାଇଛି । ନିଜ ସୀମା ନିକଟରେ ଏହି ଯୁଦ୍ଧାଭ୍ୟାସକୁ ନେଇ ଆମେରିକା ସମେତ ନାଟୋ ଚିନ୍ତାରେ ପଡ଼ିଛନ୍ତି। ସାମରିକ ବିଶ୍ଳେଷକଙ୍କ ମତରେ ଏହି ଯୁଦ୍ଧାଭ୍ୟାସ ୟୁରୋପକୁ ଭୟଭୀତ କରିବା ଲାଗି ଉଦ୍ଦିଷ୍ଟ । ଯୁଦ୍ଧାଭ୍ୟାସର ନାଁ ରହିଛି 'ଜାପଦ ୨୦୨୫' । ଭାରତ ଏହାର ୬୫ ସୈନ୍ୟଙ୍କୁ ଯୁଦ୍ଧାଭ୍ୟାସ ଲାଗି ପଠାଇଛି । ୫ ଦିନ ଧରି ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସରେ ଆଣବିକ ଅସ୍ତ୍ର ବହନ କରିବାରୁଥିବା ବମ୍ବର୍, ଯୁଦ୍ଧଜାହାଜ, ଭାରୀ ଆର୍ଟିଲାରୀ, ୩୩୩ ଏୟାରକ୍ରାଫ୍ଟ, ୨୪୭ ନାଭାଲ ଭେସେଲ ସମେତ ସବ୍ମେରିନ୍ ସାମିଲ ହେବ ଯପ୍ରକାଶଥାଉ କି, ବେଲାରୁଷ୍ ସୀମା ପୋଲାଣ୍ଡ, ଲିଥୁଆନିଆ, ଲାଟଭିଆକୁ ଲାଗିଛି । ଏହି ୩ ଦେଶ ହେଉଛନ୍ତି ନାଟୋ ସଦସ୍ୟ । ଜାପଦ-୨୦୨୫ରେ ଭାରତ ସାମିଲ ହେବା ଭାରତ ଏବଂ ରୁଷ୍ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କକୁ ଅଧିକ ଗଭୀର କରିବା ଭାବେ ଦେଖାଯାଉଛି । ଏହା ଭାରତ ପାଇଁ ମଧ୍ୟ ମହତ୍ତ୍ୱ ରଖେ । କାରଣ ଭାରତର ଅଧିକାଂଶ ସଶସ୍ତ୍ର ବଳ ରୁଷ୍ ନିର୍ମିତ ହାର୍ଡୱେର ବ୍ୟବହାର କରୁଛନ୍ତି । ଆମେରିକା ଏବଂ ୟୁରୋପ ମଧ୍ୟରେ ସମ୍ପର୍କ ଏବେ ଜଟିଳ ସ୍ଥିତି ଦେଇ ଗତି କରୁଥିବା ବେଳେ ରୁଷ୍-ବେଲାରୁଷ୍ ଏହି ଯୁଦ୍ଧାଭ୍ୟାସ ଆୟୋଜନ କରିଛନ୍ତି । ଏହାକୁ ନେଇ ନାଟୋ କେତେ ବିଚଳିତ ତାହା ୟୁରୋପୀୟ ସଂଘର ବିଦେଶ ନୀତି ପ୍ରମୁଖ କାଜା କଲ୍ଲାସଙ୍କ ବୟାନରୁ ଜଣାପଡୁଛି । ସେ କହିଛନ୍ତି, ଭାରତ ସହ ଭାଗିଦାରୀ ବାଣିଜ୍ୟ ବୁଝାମଣାଠାରୁ ବହୁ ଆଗକୁ ଯାଇଛି । ଏହି ବୁଝାମଣାରେ ଶୀଘ୍ର ସ୍ୱାକ୍ଷର ହେବ ବୋଲି ଆଶା । ଏହା ଭିତରେ ଆମେରିକା ଏହି ଯୁଦ୍ଧାଭ୍ୟାସ ଉପରେ ନଜର ରଖିବା ଲାଗି ଏକ ପ୍ରତିନିଧି ଟିମ୍ ପଠାଇଛି ।

## ହ୍ରାସ ପାଇଲା ସେୟାର୍ ବଜାର

**ନୂଆଦିଲ୍ଲୀ,୧୯।୯:**ଲଗାତର କିଛି ଦିନ ହେବ ଭାରତୀୟ ସେୟାର୍ ବଜାରର ସ୍ଥିତି ଭଲ ଥିବା ବେଳେ ଏବେ ପୁଣି ଥରେ ପତନ ଦେଖିବାକୁ ମିଳିଛି । ସେନସେକ୍ସ ଏବଂ ନିଫ୍ଟି ହ୍ରାସ ପାଇଥିବା ବେଳେ ଆଦାନୀ ସେୟାର ଆଜି ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଛି । ଆଦାନୀ ସେୟାର ଶୁକ୍ରବାର ଦିନ ଖୁବ୍ ଭଲ ପ୍ରଦର୍ଶନ କରିଛି । ସେବି ହିଣ୍ଡେନବର୍ଗ ମାମଲା ବନ୍ଦ କରିବା ପରେ ଆଦାନୀ ସେୟାରରେ ଏହି ବୃଦ୍ଧି ଘଟିଥିବା ଦେଖିବାକୁ ମିଳିଛି। ସପ୍ତାହର ଶେଷ ବ୍ୟବସାୟ ଦିବସରେ, ସେନସେକ୍ସ ୨୪୦ ପଏଣ୍ଟ ହ୍ରାସ ପାଇ ୮୨୬୭୧ ଏବଂ ନିଫ୍ଟି ୬୦ ପଏଣ୍ଟ ହ୍ରାସ ପାଇ ୨୫୩୬୧ରେ ପହଞ୍ଚିଛି । ତେବେ ନିଫ୍ଟି ବ୍ୟାଙ୍କ ମଧ୍ୟ ହ୍ରାସ ପାଉଛି, ପ୍ରାୟ ୧୫୦ ପଏଣ୍ଟ ହ୍ରାସ ପାଇଛି । ବିଏସ୍‌ଇର ଶ୍ରେଷ୍ଠ ୩୦ଟି ଷ୍ଟକ୍ ମଧ୍ୟରୁ କେବଳ ସାତଟି ଅଧିକ କାରବାର କରୁଥିଲା, ଯେଉଁଥିରେ ଆଦାନୀ ପୋର୍ଟସ୍ ଆଗରେ ଥିଲା । ଏହି ସମୟରେ, ୨୩ଟି ଷ୍ଟକ୍ ସାମାନ୍ୟ ହ୍ରାସ ପାଇଛି । ସେହିପରି ଟିସିଏସ୍ ଗୋଟିଏ ପ୍ରତିଶତ ହ୍ରାସ ପାଇଛି । ଲାର୍ଜକ୍ୟାପ୍ ସେୟାରେ ହୋଇଥିବା ହ୍ରାସ କାରଣରୁ ଏହି ହ୍ରାସ ଦେଖିବାକୁ ମିଳିଛି ।

## ଭୂମିକମ୍ପରେ ଥରିଲା ରୁଷ

**ନୂଆଦିଲ୍ଲୀ,୧୯।୯:**ରୁଷରେ ଶକ୍ତିଶାଳୀ ୭ ଦଶମିକ ୮ ତୀବ୍ରତାର ଭୂମିକମ୍ପ । ଏଥିରେ ଘର, ଅନ୍ୟ ଉଚ୍ଚ ନିର୍ମାଣ, ଆସବାବପତ୍ର, ପାର୍କିଂ ଓ ରାସ୍ତାରେ ଗାଡ଼ିସବୁ ଦୋହଲି ଉଠିଥିଲା । ପରେ ଆଉ କେତେଥର ମଧ୍ୟ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ଏସବୁ ଛାତିଥରା ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଛି । ଏତେ ଶକ୍ତିଶାଳୀ ଭୂମିକମ୍ପ ଦେଖି ପ୍ରଥମେ ସୁନାମି ସତର୍କତା ଜାରି କରାଯାଇଥିଲା । ପରେ ସୁନାମି ସତର୍କତା ପ୍ରତ୍ୟାହାର କରି ନିଆଯାଇଛି । ତେବେ ଜୀବନ ହାନି ଓ ବିଶେଷ କ୍ଷୟକ୍ଷତିର ସୂଚନା ମିଳିନାହିଁ । ମସ୍କୋର ପୂର୍ବ ଦିଗରେ୧୨୮ କିଲୋମିଟର ଦୂର କାମଚଟକା ଉପଦ୍ୱୀପ ଅଞ୍ଚଳରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଗତ ଜୁଲାଇ ମାସରେ ମଧ୍ୟ ଏହି ଅଞ୍ଚଳରେ ଭୂମିକମ୍ପ ହୋଇଥିଲା ଓ ସୁନାମି ଆସିବା ଫଳରେ ଗୋଟିଏ ଗାଁର କିଛି ଅଂଶ ସମୁଦ୍ରରେ ଲୀନ ହୋଇଯାଇଥିଲା । ପୂର୍ବରୁ ଆଫଗାନିସ୍ତାନ ଓ ତୁର୍କିରେ ଭୂମିକମ୍ପ ହୋଇ ବ୍ୟାପକ ଧନ ଜୀବନ ହାନି ହୋଇଥିବା ବେଳେ ରୁଷରେ ଭୂମିକମ୍ପ ନେଇ ଆଗୁଆ ସତର୍କତା ଓ ସୁଦୃଢ ମୁକାବିଲା ବ୍ୟବସ୍ଥା ଥିବାରୁ କ୍ଷୟକ୍ଷତି ହୋଇ ନଥିବା କୁହାଯାଉଛି ।

### ଦିଶା ପଟାନିଙ୍କ ଘରେ ଗୁଳିକାଣ୍ଡ ଘଟଣା

## ଦିଲ୍ଲୀରୁ ୨ ସୁଟର ଗିରଫ

**ନୂଆଦିଲ୍ଲୀ,୧୯।୯:**ବଲିଉଡ୍ ଅଭିନେତ୍ରୀ ଦିଶା ପଟାନିଙ୍କ ଘରେ ଗୁଳିକାଣ୍ଡ ଘଟଣାରେ ପୁଲିସକୁ ଏକ ବଡ଼ ସଫଳତା ମିଳିଛି । ଶୁକ୍ରବାର ଦିନ, ଦିଲ୍ଲୀ ପୋଲିସ ବାଗପତର ନିବାସୀ ନକୁଳ ସିଂହ ଏବଂ ବିଜୟ ତୋମାର ନାମକ ଦୁଇ ସୁଟରଙ୍କୁ ଗିରଫ କରିଛି। ସେମାନଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ଥିଲା । ବରେଲି ପୁଲିସ ବର୍ତ୍ତମାନ ଏହି ଦୁଇ ସୁଟରଙ୍କୁ ରିମାଣ୍ଡରେ ଆଣିବ । ଏହି ଘଟଣା ପଛରେ ରୋହିତ ଗୋଦାରା ଏବଂ ଗୋଲ୍ଡି ବ୍ରାର ଗ୍ୟାଙ୍ଗର ହାତ ଥିବା ସନ୍ଦେହ କରାଯାଉଛି । ପୁଲିସ ତଦନ୍ତରୁ ଜଣାପଡିଛି ଯେ ସମସ୍ତ ଚାରି ସୁଟର ସେପ୍ଟେମ୍ବର ୧୦ ତାରିଖରେ ବରେଲି ଆସିଥିଲେ । ନକୁଳ ଏବଂ ବିଜୟ ଏକ ସ୍ପ୍ଲେଣ୍ଡର ବାଇକ୍ ରେ ଆସିଥିଲେ ଏବଂ ସକାଳ ପ୍ରାୟ ୬.୪୮ ରେ ଝୁମକା ଛକରେ ସିସିଟିଭିରେ ରେକର୍ଡ ହୋଇଥିଲେ । ସକାଳ ୭.୧୫ ରେ, ନକୁଳ, ବିଜୟ ଏବଂ ହରିୟାଣା ସୁଟର ଅରୁଣ ଦିଶା ପଟାନିଙ୍କ ଘରୁ ମାତ୍ର ଅଧ କିଲୋମିଟର ଦୂରରେ ଜଙ୍କସନ୍ ରୋଡରେ ଥିବା ହିନ୍ଦ୍ ଗେଷ୍ଟ ହାଉସରେ ଯାଞ୍ଚ କରିଥିଲେ । ଚତୁର୍ଥ ସୁଟର ରବିନ୍ଦ୍ର ନିକଟସ୍ଥ ପ୍ରୀତ ପ୍ୟାଲେସ୍ ହୋଟେଲରେ ରହୁଥିଲେ । ସେ ସାଗର ନାମରେ ଏକ ନକଲି ପରିଚୟପତ୍ର ପ୍ରଦାନ କରିଥିଲେ । ସେ ସେଠାରୁ,



ଚାରି ଜଣ ଆଗାମୀ ଦୁଇ ଦିନ ମଧ୍ୟରେ ଗୁଳିକାଣ୍ଡ ଯୋଜନା କରିଥିଲେ ଏବଂ ତାହାକୁ କାର୍ଯ୍ୟକାରୀ କରିଥିଲେ । ଗତ ୧୭ ତାରିଖରେ ଗାଜିଆବାଦଠାରେ ଉତ୍ତରପ୍ରଦେଶ ପୁଲିସର ଏସଟିଏଫ ଅରୁଣ ଓ ରବୀନ୍ଦ୍ରକୁ ଏନକାଉଣ୍ଟରେ ମାରିଦେଇଥିଲା ।

# ସେନାକୁ ମିଳିବ ନୂଆ ରାଡାର

**ନୂଆଦିଲ୍ଲୀ,୧୯।୯:**ଭାରତୀୟ ସେନା ବିଭିନ୍ନ ପ୍ରକାର ଆଡଭାନ୍ସ ଏୟାର ଡିଫେନ୍ସ ରାଡାର ଏକାଠି କରିବାରେ ଲାଗିଛି । ଯେଉଁ ସ୍ଥାନରେ ବିପଦ ରହିଛି ତାକୁ ବିଭିନ୍ନ ଦିଗରେ ମୁତୟନ କରିବାର ପକ୍ରିୟା ଆରମ୍ଭ କରିସାରିଛି । ଏହି କ୍ଷେତ୍ର ପଶ୍ଚିମରୁ ନେଇ ଉତ୍ତର ସୀମା ପର୍ଯ୍ୟନ୍ତ ରହିଛି । ଏହି ସବୁ ଅପରେସନ୍ ସିନ୍ଦୁରର ପ୍ରାୟ ୪ ମାସ ପରେ ହେଉଛି । ଏହି ସମୟରେ ପାକିସ୍ତାନ ତୁର୍କୀରେ ତିଆରି ହୋଇଥିବା ଶସ୍ତା ଡ୍ରୋନ୍ ପଠାଇ ଭାରତୀୟ ବାୟୁସୀମାରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଥିଲା । ଜମ୍ମୁ-କଶ୍ମୀରରୁ ନେଇ ରାଜସ୍ଥାନ ପର୍ଯ୍ୟନ୍ତ ପାକିସ୍ତାନ ପକ୍ଷରୁ ଆକ୍ରମଣ କରାଯାଇଥିଲା । ଭାରତୀୟ ସେନା ସେତେବେଳେ ବି ଅନୁପ୍ରବେଶକାରୀଙ୍କ ଡ୍ରୋନକୁ ନଷ୍ଟ କରି ଦେଇଥିଲା । କିନ୍ତୁ ଏବେ ଭାରତୀୟ ସେନା ଭବିଷ୍ୟତର ସବୁ ବିପଦଠାରୁ ନିଜ ସୀମାକୁ ଦୃଢ ରଖିବାକୁ ଚେଷ୍ଟା କରୁଛି । ଭାରତୀୟ ସେନା ଏୟାର ଡିଫେନ୍ସ ସିଷ୍ଟମ ପାଇଁ ଯେଉଁଭଳି ଅତ୍ୟାଧୁନିକ ରାଡାରର ଆବଶ୍ୟକତା କୁହାଯାଉଛି, ସେଥିରେ ମୁଖ୍ୟ ଭାବରେ ତିନୋଟି ରାଡାର ରହିଛି । ଏକ ରିପୋର୍ଟ ଅନୁସାରେ, ସେନା ୪୫ ଲୋ ଲେବଲ ଲାଇଟ୍ ୱେଟ୍ ରାଡାର, ୪୮ ଏୟାର ଡିଫେନ୍ସ ଫାୟାର କନଟ୍ରୋଲ ରାଡାର ଡ୍ରୋନ୍ ଡିଟେକ୍ଟର ଓ ୧୦ ଲୋ ଲେବଲ ଲାଇଟ୍ ୱେଟ୍ ରାଡାର କିଣିବା ନେଇ କହିଥିଲା । ଏୟାର ଡିଫେନ୍ସ ସେଭଳି ଛୋଟ ଓ ହାଲକା ଡ୍ରୋନ ଡିଟେକ୍ଟ ଓ ଟ୍ରାକ୍ କରିପାରିବ । ଯେପରି ପାକିସ୍ତାନ ପକ୍ଷରୁ ତୁର୍କୀ ମେଡ୍ ଡ୍ରୋନ୍ ମଇରେ ଭାରତକୁ ପଠାଯାଇଥିଲା । ଭାରତୀୟ ସେନା ପାଖରେ ପୂର୍ବରୁ ଥିବା ରାଡାରଗୁଡ଼ିକ ପୁରୁଣା ହୋଇଗଲାଣି, ଏବଂ ଅପଗ୍ରେଡର ଆବଶ୍ୟକତା ଅନୁଭୂତ ହୋଇଛି । ଅପରେସନ୍ ସିନ୍ଦୂର ସମୟରେ ସ୍ଥିତି ଏହି ଆବଶ୍ୟକତାକୁ ବିଶେଷ ଭାବରେ ବୃଦ୍ଧି କରିଛି । ସେହି ସମୟରେ, ଶତ୍ରୁ କିଛି ସର୍ଭିଲାନ୍ସ ଓ ଆଟାକ୍ ଡ୍ରୋନକୁ ବ୍ୟବହାର କରିଥିଲା । ଯଦିଓ ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ସେଗୁଡ଼ିକୁ ନଷ୍ଟ କରିଦେଇଥିଲା, କିନ୍ତୁ ଶତ୍ରୁ ନିଶ୍ଚିତ ଭାବରେ ଉତ୍ତରରୁ ପଶ୍ଚିମ ସୀମା ପର୍ଯ୍ୟନ୍ତ ଏକ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିଥିଲା। ସେନାର ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ ଭବିଷ୍ୟତରେ ଏପରି ଛୋଟ ବିପଦର ମୁକାବିଲା କରିବା ପାଇଁ ନିମ୍ନ ସ୍ତରର ହାଲୁକା ରାଡାର ଏବଂ ଏୟାର ଡିଫେନ୍ସ କନଟ୍ରୋଲ ରାଡାର-ଡ୍ରୋନ୍ ଡିଟେକ୍ଟର କିଣାଯାଉଛି । ସେନା ଯେଉଁ ରାଡାର କିଣିବାକୁ ଯାଉଛି, ଏହାର ବିଶେଷତ୍ୱ ହେଲା ଏୟାରସ୍ପେସ୍କୁ ଦ୍ରୁତ ଗତିରେ ସ୍କାନ୍ କରି ବିପଦକୁ ଚିହ୍ନଟ କରିପାରିବ । ଏହା ଦେଶ ପାଇଁ କେତେ ବଡ଼ ବିପଦ, ଏହା ଆଧାରରେ ତାର ପ୍ରାଧାନ୍ୟ ସ୍ଥିର କରାଯାଇପାରେ ।



## ଆଫଗାନିସ୍ତାନରେ ଧସେଇ ପଶିବେ ଆମେରିକୀୟ ସୈନ୍ୟ

**ନୂଆଦିଲ୍ଲୀ,୧୯।୯(:**ଆଫଗାନିସ୍ତାନରେ ପୁଣି ଧସେଇ ପଶିବେ ଆମେରିକୀୟ ସୈନ୍ୟ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏପରି ଏକ ବୟାନ ଏବେ ହଇଚଇ ସୃଷ୍ଟି କରିଛି। ଗୁରୁବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଗ୍ରାମ ଏୟାର ବେସ ବିଷୟରେ କହିଛନ୍ତି ଯେ, ଆମେ ଏହାକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛୁ । ଟ୍ରମ୍ପ ଏହାକୁ ବ୍ରେକିଂ ନ୍ୟୁଜ୍ ବୋଲି କହିଛନ୍ତି । ବ୍ରିଟେନ ଗସ୍ତ ଶେଷରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଡୋନାଲ୍ଡ ଟ୍ରମ୍ପ ଏହା କହିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ବାଗ୍ରାମରେ ଆମେରିକାର ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଚୀନର ନିକଟତର । ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ବାଗ୍ରାମ ବାୟୁସେନା ଘାଟି ବିଷୟରେ ଉଲ୍ଲେଖ କରି କହିଛନ୍ତି, ଆମେ ସେହି ଘାଟି ଚାହୁଁ କାରଣ, ଆପଣ ଜାଣନ୍ତି ଯେ, ଏହା ଚୀନ୍ ତାର ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ସ୍ଥାନରୁ ଗୋଟିଏ ଘଣ୍ଟାର ଦୂରତା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚିତ କରିଛନ୍ତି ଯେ ୨୦୨୧ ମସିହାରେ କ୍ଷମତାକୁ ଫେରିବା ପରଠାରୁ ଏକ ନିରନ୍ତର ଆର୍ଥିକ ସଙ୍କଟ, ଅନ୍ତର୍ଜାତୀୟ ବୈଧତା ସମସ୍ୟା, ଆଭ୍ୟନ୍ତରୀଣ କଳହ ଏବଂ ପ୍ରତିଦ୍ୱନ୍ଦ୍ୱୀ ଆତଙ୍କବାଦୀ ଗୋଷ୍ଠୀ ସହିତ ସଂଘର୍ଷ କରୁଥିବା ତାଲିବାନ ଆମେରିକୀୟ ସେନାକୁ ଫେରିବାକୁ ଅନୁମତି ଦେବାକୁ ଇଚ୍ଛୁକ ହୋଇପାରେ ।



## 'ପୁଟିନ୍ ୟୁକ୍ରେନୀୟ ମାନଙ୍କୁ ଠିକ୍ ଆକଳନ କରି ନାହାଁନ୍ତି'

**ନୂଆଦିଲ୍ଲୀ,୧୯।୯** ବ୍ରିଟେନର ବାହ୍ୟ ଗୁପ୍ତଚର ସଂସ୍ଥାର ମୁଖ୍ୟ ଶୁକ୍ରବାର ଦିନ ଏକ ବିଦାୟୀ ଭାଷଣରେ କହିଛନ୍ତି ଯେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ ସମ୍ପର୍କରେ ଶାନ୍ତି ଆଲୋଚନା କରିବାକୁ ଚାହୁଁଛନ୍ତି ବୋଲି କୌଣସି ପ୍ରମାଣ ନାହିଁ । ସାଧାରଣ ଭାବରେ ଏମଆଇ ୬ ଭାବରେ ପରିଚିତ ସିକ୍ରେଟ ଇଣ୍ଟେଲିଜେନ୍ସ ସର୍ବିସ୍ ର ମୁଖ୍ୟ ସାର୍ ରିଚର୍ଡ ମୁର କହିଛନ୍ତି ଯେ, ପୁଟିନ ଆମକୁ ଏକ ଫାଶରେ ଫସାଉଛନ୍ତି' । ମୁର କହିଛନ୍ତି ଯେ, ପୁଟିନ ସମସ୍ତ ପ୍ରକାରେ ତାଙ୍କର ସାମ୍ରାଜ୍ୟବାଦୀ ଇଚ୍ଛାକୁ ଲାଗୁ କରିବାକୁ ଚାହୁଁଛନ୍ତି, କିନ୍ତୁ ସେ ସଫଳ ହୋଇପାରିବେ ନାହିଁ। ସେ କହିଛନ୍ତି, ସତ୍ୟ କହିବାକୁ ଗଲେ, ପୁଟିନ ତାଙ୍କ ସାମର୍ଥ୍ୟ ଠାରୁ ଅଧିକ ବୋଝ ଉଠାଇବାକୁ ଚେଷ୍ଟା କରିଛନ୍ତି । ସେ ଭାବିଥିଲେ ଯେ, ସେ ଏକ ସହଜ ବିଜୟ ହାସଲ କରିବେ । କିନ୍ତୁ ସେ ୟୁକ୍ରେନୀୟ ମାନଙ୍କୁ କମ୍ ଆକଳନ କରିଛନ୍ତି। ମୁର ପାଞ୍ଚ ବର୍ଷ ପାଇଁ ଏମଆଇ ୬ର ମୁଖ୍ୟ ଭାବରେ କାର୍ଯ୍ୟ କରିବା ପରେ ଇସ୍ତାନବୁଲର ବ୍ରିଟିଶ କନସୁଲେଟ୍ ରେ ଭାଷଣ ଦେଉଥିଲେ । ସେ ସେପ୍ଟେମ୍ବର ଶେଷରେ ପଦ ଛାଡିବେ, ଏବଂ ଏଜେନ୍ସିକୁ ଏହାର ପ୍ରଥମ ମହିଳା ମୁଖ୍ୟ ମିଳିବ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ରୁଷ ଫେବୃଆରୀ ୨୦୨୨ ରେ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଥିଲା । ଏହି ଯୁଦ୍ଧ ଏବେ ବି ଜାରି ରହିଛି ଏବଂ ହଜାର ହଜାର ଲୋକଙ୍କ ଜୀବନ ନେଇଛି ।



## ଭଡ଼ା ଘରେ ରହୁଛନ୍ତି ନେପାଳର ପୂର୍ବ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୯।୯:**ନେପାଳରେ ଜେନ୍-ଜି ଆନ୍ଦୋଳନ ଚାପରେ ସେପ୍ଟେମ୍ବର ୯ ତାରିଖରେ ପ୍ରଧାନମନ୍ତ୍ରୀ କେ.ପି ଓଲି ପଦରୁ ଇସ୍ତଫା ଦେଇଥିଲେ। ଭ୍ରଷ୍ଟାଚାର ଓ ପରିବାରବାଦ ବିରୋଧରେ ସଡ଼କକୁ ଓହ୍ଲାଇ ଥିବା ଜନସମୁଦ୍ର ଦେଖି ନେପାଳ ସରକାରଙ୍କ ହୋଷ ଉଡ଼ିଯାଇଥିଲା । ଏହାପରେ ନେପାଳର ପ୍ରଧାନମନ୍ତ୍ରୀଙ୍କ ସହ ଅନ୍ୟ କିଛି ଶ୍ରେଷ୍ଠ ନେତୃତ୍ୱ ସେନା ବିମାନରେ ଦେଶ ଛାଡ଼ି ପଳାଇଥିଲେ । ହେଲେ ଦେଶଛାଡ଼ି ପଳାଇବାର ୧୦ ଦିନ ପରେ କେ.ପି ଓଲି ଦେଖିବାକୁ ମିଳିଛନ୍ତି । ସେପ୍ଟେମ୍ବର ୧୦ ତାରିଖରେ ଓଲି ସେନା ବିମାନରେ ଭକ୍ତପୁର ଚାଲିଯାଇଥିଲେ । ସେଠାରେ ତାଙ୍କ ପାଇଁ ଏକ ଭଡ଼ାଘର ବ୍ୟବସ୍ଥା କରାଯାଇଛି । ଅର୍ଥାତ ଓଲି ଏବେ ନିଜ ଦେଶର ଭକ୍ତପୁର ସହରରେ ରହୁଛନ୍ତି। ସେପଟେ ନେପାଳ ପ୍ରଧାନମନ୍ତ୍ରୀ ଗାଦି ଛାଡ଼ି ପଳାଇବା ପରେ ବିକ୍ଷୋଭକାରୀମାନେ ସରକାରୀ ବାସଭବନରୁ ନେଇ ପୈତୃକ ବାସଭବନ ପର୍ଯ୍ୟନ୍ତ ସବୁ ଜାଳିପୋଡ଼ି ଛାରଖାର କରିଦେଇଥିଲେ । ଓଲି ନୂଆ ଭଡ଼ାଘରେ ପହଂଚିବା ପରେ ସେଠାରେ ଥିବା କିଛି ସମର୍ଥକ ତାଙ୍କୁ ସ୍ୱାଗତ କରିଥିଲେ ।

# ଭାରତରେ ଜେନ-ଜେଡ ପାଇଁ ରାହୁଲଙ୍କ ଦାବି

**ନୂଆଦିଲ୍ଲୀ,୧୯।୯:** ନେପାଳରେ ଜେନ-ଜେଡ ବିପ୍ଳବ ସତ୍ତା ବଦଳାଇ ଦେଇଥିଲା। ସରକାରଙ୍କ ମୂଳଦୁଆ ଦୋହଲାଇ ଦେଇଥିଲା । କେପି ଶର୍ମା ଓଲିଙ୍କ ସରକାରର ପତନ ଘଟିଥିଲା । ଏବେ, ସେହି ଜେନ-ଜେର ପ୍ରତିଧ୍ୱନି ଭାରତରେ ଶୁଣାଯାଉଛି । ଭାରତରେ ଜେନ-ଜେଡ ପାଇଁ ଦାବି କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ତାଙ୍କ ବୟାନକୁ ନେଇ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି । ଲୋକସଭା ସାଂସଦ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତର ସମ୍ବିଧାନକୁ ବଞ୍ଚାଇବାକୁ ଜେନ୍-ଜେଟକୁ ଆହ୍ୱାନ କରିଛନ୍ତି । ତାଙ୍କର ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି, ଦେଶର ଯୁବଗୋଷ୍ଠୀ, ଦେଶର ଛାତ୍ର, ଦେଶର ଜେନ୍-ଜେଡ଼ ସମ୍ବିଧାନକୁ ବଞ୍ଚାଅ, ଲୋକତନ୍ତ୍ରର ରକ୍ଷା କର ଏବଂ ଭୋଟ ଚୋରିକୁ ରୋକ । ମୁଁ ସେମାନଙ୍କ ସହ ସର୍ବଦା ଛିଡା ହେବି। ଜୟ ହିନ୍ଦ । ଏହି ସୋସିଆଲ ମିଡିଆ ପୋଷ୍ଟକୁ ନେଇ ହଇଚଇ ସୃଷ୍ଟି ହୋଇଛି । ପୂର୍ବ ବିଜେପି ସାଂସଦ ସୁବ୍ରତ ପାଠକ ରାହୁଲ ଏବଂ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି,ଯଦି ଭାରତରେ ନେପାଳ, ଶ୍ରୀଲଙ୍କା ଓ ବାଂଲାଦେଶ ପରି ସ୍ଥିତି ଉପୁଜେ ତେବେ ଲୋକ ପ୍ରଥମେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏବଂ ସମାଜବାଦ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଘର ଜାଳିଦେବେ । ସେହିପରି ରାହୁଲ ଗାନ୍ଧୀଙ୍କ ନେପାଳ ଯୋଜନା ଉପରେ ଆକ୍ରମଣ କରି ବିଜେପି ସାଂସଦ ନିଶିକାନ୍ତ ଦୁବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, '' ଜେନ୍-ଜେଡ ପରିବାରବାଦକୁ ବିରୋଧ କରେ । ସେ ନେହେରୁ ଜୀ, ଇନ୍ଦିରା ଜୀ, ସୋନିଆ ଜୀ, ରାଜୀବ ଜୀଙ୍କ ପରେ ରାହୁଲ ଜୀଙ୍କୁ କାହିଁକି ବରଦାସ୍ତ କରିବେ ? ସେମାନେ ଦୁର୍ନୀତି ବିରୋଧ, କାହିଁକି ତୁମକୁ ଘଉଡାଇବେ ନାହିଁ ? ସେମାନେ ବାଂଲାଦେଶରେ ଇସଲାମିକ ରାଷ୍ଟ୍ର ତଥା ନେପାଳରେ ହିନ୍ଦୁ ରାଷ୍ଟ୍ର ବନାଇବାକୁ ଚାହୁଁଛନ୍ତି, ଭାରତକୁ କାହିଁକି ହିନ୍ଦୁ ରାଷ୍ଟ୍ର କରିବେ ନାହିଁ ? ଦେଶ ଛାଡିବାକୁ ତୁମେ ପ୍ରସ୍ତୁତ ହୁଅ ଆସୁଛନ୍ତି.. ।



## ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ପକ୍ଷରୁ 'ସେଫ ସେକେଣ୍ଡ ଆକାଉଣ୍ଟ'ର ଶୁଭାରମ୍ଭ

ଭୁବନେଶ୍ୱର,୧୯।୯ (ନି.ପ୍ର) : ଏୟାରଟେଲ ପେମେଂଟ ବ୍ୟାଙ୍କ ପକ୍ଷରୁ 'ସେଫ ସେକେଣ୍ଡ ଆକାଉଂଟ'ର ଶୁଭାରମ୍ଭ କରାଯାଇଛି । ଯାହାକି ପେମେଂଟ କରିବାର ସୁରକ୍ଷିତ ଓ ସୁବିଧାଜନକ ଉପାୟ । ଗ୍ରାହକମାନଙ୍କ ମନରେ ନିଶ୍ଚିନ୍ତତା ଆଣିବା ପାଇଁ ଏହା ଏପରି ଏକ ପସନ୍ଦ ଯାହା ସେମାନଙ୍କର ପ୍ରାଥମିକ ସଂଚୟକୁ ସୁରକ୍ଷିତ ରଖିବାରେ ସକ୍ଷମ କରିଥାଏ । ଯେତେବେଳେ ସେମାନେ ଦୈନନ୍ଦିନ ପେମେଂଟ ଆବଶ୍ୟକତା ପାଇଁ ସ୍ୱାଧୀନ ଭାବରେ ଏୟାରଟେଲ୍ ପେମେଂଟସ ବ୍ୟାଙ୍କ ସଂଚୟ ଆକାଉଂଟକୁ ସେମାନଙ୍କର ଦ୍ୱିତୀୟ ଆକାଉଂଟ ଭାବରେ ବ୍ୟବହାର କରିପାରିବେ । ଏହି ପରିପ୍ରେକ୍ଷୀରେ ଏୟାରଟେଲ୍ ପେମେଂଟସ୍ ବ୍ୟାଙ୍କର ଏମଡି ଏବଂ ସିଇଓ, ଅନୁବ୍ରତ ବିଶ୍ୱାସ କହିଛନ୍ତି, "ଡିଜିଟାଲ୍ ପେମେଂଟ ଭାରତରେ ଟଙ୍କା ପରିଚାଳନା କରିବାର ପଦ୍ଧତିକୁ ପରିବର୍ତ୍ତନ କରିଛି, କିନ୍ତୁ ସୁବିଧା ସହିତ ସୁରକ୍ଷା ସୁନିଶ୍ଚିତ କରିବାର ଦାୟିତ୍ୱ ମଧ୍ୟ ଆସିଛି । ସେଫ୍ ସେକେଣ୍ଡ ଆକାଉଂଟ ସେହି ଦିଗରେ ଏକ ପଦକ୍ଷେପ – ଦୈନନ୍ଦିନ କାରବାର ପାଣ୍ଠିକୁ ମୂଳ ସଂଚୟରୁ ପୃଥକ କରିବାର ଏକ ସରଳ କିନ୍ତୁ ଶକ୍ତିଶାଳୀ ଅଭ୍ୟାସକୁ ଉତ୍ସାହିତ କରୁଛି । ଆମେ ବିଶ୍ୱାସ କରୁଛୁ ଯେ ଏହି ଛୋଟ ଆଚରଣଗତ ପରିବର୍ତ୍ତନ ଗ୍ରାହକମାନଙ୍କୁ ଡିଜିଟାଲ୍ କାରବାରକୁ ଅଧିକ ସୁରକ୍ଷିତ ଭାବରେ ଗ୍ରହଣ କରିବାରେ ସାହାଯ୍ୟ କରିପାରିବ ଏବଂ ସମୟ ସହିତ ଭାରତରେ ସୁରକ୍ଷିତ ବ୍ୟାଙ୍କିଂର ଭବିଷ୍ୟତକୁ ଆକାର ଦେବ ।"

ପ୍ରତ୍ୟେକ ଡିଜିଟାଲ୍ କାରବାର ସହିତ ମୂଳ ସଂଚୟକୁ ବିପଦରେ ପକାଇବା ପରିବର୍ତ୍ତେ, ଗ୍ରାହକମାନେ ଦୈନନ୍ଦିନ ଖର୍ଚ୍ଚ ପାଇଁ ଏୟାରଟେଲ୍ ପେମେଂଟସ ବ୍ୟାଙ୍କର ସୁରକ୍ଷିତ ଦ୍ୱିତୀୟ ଆକାଉଂଟ ବ୍ୟବହାର କରିପାରିବେ । ଏହିପରି ଭାବରେ, ମୁଖ୍ୟ ସଂଚୟ ଠକେଇରୁ ସୁରକ୍ଷିତ ରହିଥାଏ ।

## ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ମୋବାଇଲ୍ ଆପ୍‌ରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସ୍କାନିଂ ସୁବିଧାର ଶୁଭାରମ୍ଭ

ଭୁବନେଶ୍ୱର,୧୯।୯ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ଜେନେରାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନି ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏହାର ମୋବାଇଲ୍ ଆପ୍‌ରେ ଏକ ଅଭିନବ, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟ୍ରାକିଂ ସୁବିଧା ଆରମ୍ଭ କରାଯାଇଛି ଯାହା ସ୍ୱାସ୍ଥ୍ୟ ଓ କଲ୍ୟାଣର ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଅତ୍ୟାଧୁନିକ ବାୟୋମେଟ୍ରିକ୍ ପ୍ରଯୁକ୍ତି ବ୍ୟବହାରରେ ପ୍ରସ୍ତୁତ କରାଯାଇଥିବା ଏହି ସୁବିଧା ବ୍ୟବହାରକାରୀମାନଙ୍କୁ କେବଳ ମୁଖମଣ୍ଡଳ ଓ ଟିପ ଚିହ୍ନ ସ୍କାନ୍ କରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନା ପ୍ରଦାନ କରିବ । ପ୍ରତ୍ୟକ୍ଷ ୱେଲନେସ୍ ପାଇଁ ଏହି ଅଭିଯାନ ଏକ ନିରବଚ୍ଛିନ୍ନ, ସ୍ପର୍ଶବିହୀନ ଓ ପ୍ରଯୁକ୍ତି ଆଧାରିତ ଆଭିମୁଖ୍ୟ ପ୍ରଦାନ କରିବ ।

କେୟାରପ୍ଲିକ୍ସ ସହଯୋଗରେ ବିକାଶ କରାଯାଇଥିବା ଏହି ସ୍ୱାସ୍ଥ୍ୟ ସୁବିଧା ବ୍ୟବହାରକାରୀମାନଙ୍କୁ ହୃତସ୍ପନ୍ଦନ ହାର, ରକ୍ତ ଚାପ, ବିଏମ୍ଆଇ, ଶରୀର ଓଜନ, ଚାପ ସ୍ତର, ଶରୀର ମୋଟ ମୋଟାପଣ, ଶରୀରରେ ଜଳୀୟ ଅଂଶ ଏବଂ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନା ପ୍ରଦାନ କରିବ । କେବଳ ଆଙ୍ଗୁଠି ଟିପ କିମ୍ବା ମୁଖ ମଣ୍ଡଳକୁ ସ୍କାନ କରି ବ୍ୟବହାରକାରୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଅବଗତ ହୋଇପାରିବେ ।

କେୟାରପ୍ଲିକ୍ସର ଅଭିନବ ରିମୋଟ ଫଟୋପ୍ଲେଥିସ୍ମୋଗ୍ରାଫି (ଆରପିପିଜି) ପ୍ରଯୁକ୍ତିକୁ ବ୍ୟବହାର କରି ଏହି ଡାଟା ଡିଜାଇସ୍‌ର କ୍ୟାମେରାରେ ସରଳ ଭିଡିଓ ରେକର୍ଡିଂ ଓ ଆଙ୍ଗୁଠି ଟିପ ସ୍କାନିଂ କରି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନା ବାହାର କରିପାରିବ, ଯାହା ଫଳରେ ବ୍ୟବହାରକାରୀମାନେ କୌଣସି ପ୍ରତ୍ୟକ୍ଷ ସେନ୍‌ସର୍ କିମ୍ବା ନିଡିଲ୍ ବିନା ଯେକୌଣସି ସ୍ଥାନ, ଯେକୌଣସି ସମୟରେ ସ୍ୱାସ୍ଥ୍ୟ ସୂଚନା ପାଇପାରିବେ । ଏହି ଉନ୍ମୋଚନ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହମ୍ମଦ ଆରିଫ୍ ଖାନ୍ କହିଛନ୍ତି ଯେ, "ପାରମ୍ପରିକ ବୀମା ବାହାରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନା ପ୍ରଦାନ କରିବା ଦିଗରେ ଏହି ଅଭିନବ ସ୍ୱାସ୍ଥ୍ୟ ସ୍କାନିଂ ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଏକ ଡିଜିଟାଲ ସଶକ୍ତ ଓ ସ୍ୱାସ୍ଥ୍ୟ ସଚେତନ ସମାଜ ପାଇଁ ଆମ ଲକ୍ଷ୍ୟକୁ ପ୍ରତିଫଳିତ କରୁଛି ଯେଉଁଠାରେ ଲୋକମାନେ ନିଜ ସ୍ୱାସ୍ଥ୍ୟକୁ ପ୍ରତ୍ୟକ୍ଷ ଭାବେ ନିରୀକ୍ଷଣ କରିପାରିବେ । ଏହି ସୁବିଧା ଆଗମନ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଆଗରେ ରଖିଛି ଯେଉଁଠାରେ ଅଭିନବ ଓ ସୁବିଧା ନିରବଚ୍ଛିନ୍ନ ଭାବେ ଦୈନନ୍ଦୀନ ଜୀବନରେ ସମନ୍ୱିତ ହୋଇପାରିବ । ଗ୍ରାହକମାନଙ୍କୁ ଅତ୍ୟାଧୁନିକ ଓ ବ୍ୟବହାରକାରୀ ଅନୁକୂଳ ସମାଧାନ ପ୍ରଦାନ କରିବା ପାଇଁ କମ୍ପାନି ଏହାର ପ୍ରଯୁକ୍ତି ଦକ୍ଷତାର ସମ୍ପ୍ରସାରଣକୁ ଜାରି ରଖିବ ।" ଏହି ବାୟୋମେଟ୍ରିକ୍ ସୁବିଧା କମ୍ପାନିର ଉଭୟ ପୁରୁଣା ଓ ନୂଆ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ରହିବ । ଏହି ଆପ୍ ଏହାର ସହଯୋଗୀ ନିଦାନ ପ୍ରଦାନକାରୀମାନଙ୍କ ଜରିଆରେ ଲ୍ୟାବ୍ ଟେଷ୍ଟ ଉପରେ ୫ ପ୍ରତିଶତ ରିହାତି ମଧ୍ୟ ପ୍ରଦାନ କରୁଛି ।

## ୨୧ତମ ଅଂଶୀଦାର ବୈଠକ: ଅଭିବୃଦ୍ଧି ପାଇଁ ସମ୍ପତ୍ତିର ଗୁଣାତ୍ମକ ମାନ ଓ ଉତ୍ତମ ପ୍ରଶାସନ ଉପରେ ଇରେଡା ସିଏମ୍‌ଡିଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୯।୯ (ନି.ପ୍ର) : ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଇରେଡା) ପକ୍ଷରୁ ଏକ ଭର୍ଚୁଆଲ୍ କନଫରେନ୍ସିଂ ମାଧ୍ୟମରେ ୨୧ତମ ଅଂଶୀଦାର ସମ୍ମିଳନୀ ଆୟୋଜନ କରାଯାଇଛି । ସେଥିରେ ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ଅକ୍ଷୟ ଶକ୍ତି କ୍ଷେତ୍ରର ଋଣଗ୍ରହୀତାମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଭାଗ ନେଇଥିଲେ । ନିଜ ଅଭିଭାଷଣରେ ଶ୍ରୀ ଦାସ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସଂପତି ଗୁଣବତା ବଜାୟ ରଖିବାକୁ ଅନୁରୋଧ କରିବା ଉପରେ ଜୋର ଦେଇ କହିଥିଲେ ଯେ ଗୁଣବତାପୂର୍ଣ୍ଣ ଶାସନ ଇରେଡାର ଦୀର୍ଘକାଳୀନ ଦର୍ଶନର ମୂଳ କେନ୍ଦ୍ର ଅଟେ । ଜିଏସଟି ପରିଷଦ ଦ୍ୱାରା ଅକ୍ଷୟ ଶକ୍ତି ଉପାଦାନଗୁଡ଼ିକ ଉପରେ ଜିଏସଟି ହାର ୧୨%ରୁ ହ୍ରାସ କରି ୫% କରାଯିବା ଘୋଷଣାକୁ ସ୍ୱାଗତ ଜଣାଇ ସେ କହିଥିଲେ ଯେ ଏହି ଯୁକ୍ତିସଙ୍ଗତ ପ୍ରକ୍ରିୟା ପ୍ରକଳ୍ପ ଖର୍ଚ୍ଚ ହ୍ରାସ କରିବ ଏବଂ ଘରୋଇ, କୃଷକ, ଶିଳ୍ପ ଏବଂ ବିକାଶକାରୀମାନଙ୍କ ପାଇଁ ସ୍ୱଚ୍ଛ ଶକ୍ତିକୁ ଅଧିକ ସହଜରେ ହାସଲ କରାଇବ । ଶ୍ରୀ ଦାସ ଆହୁରି ମଧ୍ୟ ଇରେଡାର ସାଂଗଠନିକ ସଶକ୍ତିକରଣ ଉପାୟଗୁଡ଼ିକ ଉପରେ ଆଲୋକପାତ କରି କହିଥିଲେ ଯେ ନେତୃତ୍ୱ କ୍ଷମତା ଏବଂ କାର୍ଯ୍ୟକାରୀ ଦକ୍ଷତା ବୃଦ୍ଧି କରିବାକୁ ପ୍ରାୟ ୮୦ ଜଣ ଡୋମେନ୍ ବିଶେଷଜ୍ଞ ଏବଂ ପେଶାଦାରଙ୍କୁ ନିଯୁକ୍ତି ଦିଆଯାଇଛି । ଶାସନ ଏବଂ କାର୍ଯ୍ୟକାରୀ ଦକ୍ଷତାକୁ ଆହୁରି ମଜଭୁତ କରିବାକୁ ଇରେଡା ଏଂଟିଟି ଆକଳନ ବିଭାଗ, ଚାପଗ୍ରସ୍ତ ସଂପତି ପରିଚାଳନା ଏବଂ ନିରୀକ୍ଷଣ ବିଭାଗ ଭଳି ସ୍ୱତନ୍ତ୍ର ବିଭାଗ ସ୍ଥାପନ କରିଛି ବୋଲି ସେ କହିଥିଲେ । ଏହି ଅଂଶୀଦାର ସମ୍ମିଳନୀରେ ଇରେଡାର ଆର୍ଥିକ ପ୍ରଦର୍ଶନ, ସାମ୍ପ୍ରତିକ ଅର୍ଥ ସଂଗ୍ରହ କାର୍ଯ୍ୟକଳାପ ଏବଂ ପୂର୍ବ ସମ୍ମିଳନୀର ଏକ କ୍ରିୟାନ୍ୱୟନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା ।



ଋଣଗ୍ରହୀତାମାନଙ୍କ ମତାମତ ଉପରେ ଆଧାରିତ ଅନେକ ଆର୍ଥିକ ନିୟମରେ ପରିବର୍ତ୍ତନ କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଥିଲେ । ଋଣଗ୍ରହୀତାମାନେ ଇରେଡାର ସକ୍ରିୟ ପଦକ୍ଷେପକୁ ପ୍ରଶଂସା କରି ଭବିଷ୍ୟତ ପ୍ରୟାସଗୁଡ଼ିକୁ ଆକୃତି ଦେବାକୁ ନୂତନ ପ୍ରସ୍ତାବ ଦେଇଥିଲେ ଯାହା ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟଗୁଡିକୁ ହାସଲ କରିବାରେ କମ୍ପାନିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଢ଼ କରିଛି ।

## ଜୀବନ ବୀମାକାରୀମାନେ ଅଗଷ୍ଟ '୨୫ରେ ୬.୦୧% ନୂତନ ବ୍ୟବସାୟ ଅଭିବୃଦ୍ଧି ହାସଲ କରିଛନ୍ତି

ମୁମ୍ବାଇ,୧୯।୯ : ଲାଇଫ୍ ଇନସ୍ୟୁରାନ୍ସ କାଉନସିଲ (ଜୀବନ ବୀମା କାଉନ୍‌ସିଲ) ୨୦୨୫ ଅଗଷ୍ଟ ମାସ ନିମନ୍ତେ ଏହି ଶିଳ୍ପର ନୂତନ ତାଜା ତଥ୍ୟ ପ୍ରକାଶ କରିଛି । ଏଥିରେ ଥିବା ଅନେକ ପ୍ରମୁଖ ବିଷୟଗୁଡିକ ମଧ୍ୟରେ ଭାରତୀୟ ଜୀବନ ବୀମାକାରୀମାନେ ନିୟୁ ବିଜିନେସ୍ ପ୍ରିମିୟମ (ଏନ୍‌ବିପିଏସ୍) କ୍ଷେତ୍ରରେ ୱାଇଟିଡି ଭିତ୍ତିରେ ପୂର୍ବ ବର୍ଷରେ ସେହି ସମୟ ତୁଳନାରେ ୬.୦୧% ଅଭିବୃଦ୍ଧି ହାସଲ କରିଛନ୍ତି ।

ନିୟୁ ବିଜିନେସ୍ ପ୍ରିମିୟମଗୁଡିକରେ ୱାଇଟିଡି ଅଭିବୃଦ୍ଧି ଘଟିଛି ଏବଂ ଏହା ୧୫୪୧୯୩.୭୬ କୋଟି ଟଙ୍କାରୁ ଚଳିତ ବର୍ଷ ୧୬୩୪୬୧.୫୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ଲାଇଫ ଇନ୍‌ସ୍ୟୁରାନ୍ସ କାଉନ୍‌ସିଲ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଜୀବନ ବୀମା ଶିଳ୍ପରେ ବ୍ୟକ୍ତିଗତ ଏକକ ପ୍ରିମିୟମ୍ କ୍ଷେତ୍ରରେ ୱାଇଟିଡି ଭିତ୍ତିରେ ୯.୭୧% ବୃଦ୍ଧି ଘଟିଛି । ବ୍ୟକ୍ତିଗତ ଅଣ-ଏକକ ପ୍ରିମିୟମ ମଧ୍ୟ ୱାଇଟିଡି ଭିତ୍ତରେ ଗତବର୍ଷ ସେହି ସମୟ ତୁଳନାରେ ୪.୫୧% ଅଭିବୃଦ୍ଧି ହାସଲ କରିଛି ।

ଏହି ମଜଭୁତ ପ୍ରଦର୍ଶନକୁ ଏହି ବାସ୍ତବତା ଆକାରରେ ଉଲ୍ଲେଖ କରାଯାଇପାରେ ଯେ ଜୀବନ ବୀମାକାରୀମାନେ ପ୍ରଥମ-ଥର ଜୀବନ ବୀମା କ୍ରେତାମାନଙ୍କୁ ଅତ୍ୟାବଶ୍ୟକ ଜୀବନ ବୀମା ସମାଧାନଗୁଡିକ କ୍ରୟ କରିବା ନିମନ୍ତେ ଉତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି, ଯାହା ମୋଟ ବ୍ୟକ୍ତିଗତ ପ୍ରିମିୟମ ସଂଗ୍ରହ କ୍ଷେତ୍ରରେ ୱାଇଟିଡି ଭିତ୍ତିରେ ୬.୨୦% ଅଭିବୃଦ୍ଧିର ଅବଦାନ ରଖିଛି ।

ଭାରତରେ ଜୀବନ ବୀମା ଶିଳ୍ପ ବୀମାର ସୁଯୋଗ ନେବା ସମ୍ପ୍ରସାରିତ କରି ଏବଂ ପୂର୍ବରୁ ସେମାନଙ୍କର ବୀମା ଆବଶ୍ୟକତା ସମୟରେ ଦେଶର ସେହି ଜନସାଧାରଣଙ୍କ ନିକଟରେ ପର୍ଯ୍ୟାପ୍ତ ସୁଯୋଗ ପହଞ୍ଚିନଥିବା ଅଞ୍ଚଳ ଏବଂ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପ୍ରୟାସ ଦ୍ୱାରା ଉଲ୍ଲେଖନୀୟ ପ୍ରଗତିଶୀଳ ପ୍ରୟାସ କରିଆସିଛି । ଏ କ୍ଷେତ୍ରରେ ଜୀବନ ବୀମାକାରୀମାନେ ୪୩୭୧୨୫ ଜଣ ବ୍ୟକ୍ତିଗତ ଜୀବନ ବୀମା ଏଜେଣ୍ଟ ଯୋଗ କରିଛନ୍ତି, ଯେତେବେଳେ କି ଏଜେଣ୍ଟମାନେ ଛାଡିଦେବା ସତ୍ତ୍ୱେ ସେମାନଙ୍କୁ ମୋଟ ଏଜେଣ୍ଟ ଗଣତି କ୍ଷେତ୍ରରେ ୨.୭୫% ଅଭିବୃଦ୍ଧିରେ ସନ୍ତୁଷ୍ଟ ରହିବାକୁ ପଡିଛି । ଏହାସତ୍ତ୍ୱେ ଏଜେଣ୍ଟଙ୍କ ଯୋଗଦାନର ନିରନ୍ତର ଧାରାକୁ ଜୀବନ ବୀମାକାରୀମାନଙ୍କ ଦ୍ୱାରା ଦ୍ରୁତ ଗତିରେ ଡିଜିଟାଇଜେସନ୍ ପୂର୍ଣ୍ଣ ସହଯୋଗ କରୁଛି ଏବଂ ଆର୍ଥିକ ବର୍ଷ'୨୫ ଓ ତାହା ପରବର୍ତ୍ତୀ ସମୟରେ ନୂତନ ବିଜିନେସ୍ ପ୍ରିମିୟମ ସଂଗ୍ରହରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇବା ନିମନ୍ତେ ବୀମାର ପହଞ୍ଚ କ୍ଷେତ୍ରରେ ଅତିରିକ୍ତ ଫାଇଦା ଆଣିଦେବାର ପଥ ସୁଦୃଢ଼ କରୁଛି ।

## ସୋଆ କ୍ରିଆଟିଭୋର ବାର୍ଷିକ ଶାରଦୀୟ ଉତ୍ସବ 'ମା-୨୦୨୫' ଅନୁଷ୍ଠିତ



ଭୁବନେଶ୍ୱର, ୧୯।୯ (ନି.ପ୍ର) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟର ସାମାଜିକ ଓ ସାଂସ୍କୃତିକ ଶାଖା 'କ୍ରିଆଟିଭୋ' ପକ୍ଷରୁ ବାର୍ଷିକ ଶାରଦୀୟ ଉତ୍ସବ 'ମା-୨୦୨୫' ଗୁରୁବାର କ୍ୟାମ୍ପସ ୪ରେ ପାର୍ବଣର ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରିଆଟିଭୋର ଅଭିନବ ଉଦ୍ୟମକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ଅଂଶଗ୍ରହଣ ଓ ସେମାନଙ୍କର ପ୍ରତିଭା ବିକାଶ ନିମନ୍ତେ ଉତ୍ସାହିତ କରିବା ସହିତ ଏଭଳି ଉଦ୍ୟମକୁ ରାଜ୍ୟସ୍ତରରେ ଆୟୋଜନ କରିବା ପାଇଁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ଉଦ୍‌ବୋଧନ ଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଆଇଏଏସର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଓ ଡକ୍ଟର ଦୀପାଲି ଦାଶ ମଂଚ ସଂଯୋଜନା କରିଥିବା ବେଳେ କ୍ରିଆଟିଭୋର ଆବାହକ ଡକ୍ଟର ଭୁବନାନନ୍ଦ ଅଧିକାରୀ, ଶ୍ରୀମତି ଲୋପାମୁଦ୍ରା ମହାନ୍ତି. ମାନସ ଦାସଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅର୍ଥାତ୍ ଓଡ଼ିଶାର ପାରମ୍ପରିକ ଓଡ଼ିଶୀ, ଛଉ, ବାଘ ନାଚ, କେନ୍ଦେରା, ଦାସକାଠିଆ, ଚକୁଳିଆ ପଣ୍ଡା, ଚଢ଼େଇଆ, ସମ୍ବଲପୁରୀ ଆଦି ଲୋକକଳା ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଶ୍ରୀ ବିଶ୍ୱଜିତ ମିଶ୍ର, ଡକ୍ଟର ରାକେଶ ଶତପଥୀ, ଡକ୍ଟର ବିଦ୍ୱାନ ରଞ୍ଜନ ସାହୁ, ଡକ୍ଟର ରାମକୃଷ୍ଣ ବସ୍ତିଆ, ଡକ୍ଟର ବିଷ୍ଣୁପ୍ରିୟା ପାତ୍ର, ଡକ୍ଟର ଏସ୍.ପି ମୋନାଲିସା ଓ ଡକ୍ଟର ସୁବ୍ରତ ସେନାପତି ଉତ୍ସବକୁ ପରିଚାଳନା କରିଥିଲେ ।

## ଦୁର୍ଗାପୂଜା ଉପଲକ୍ଷେ ଚାନ୍ଦି ଭଣ୍ଡାର ପକ୍ଷରୁ 'ନବକୃତି' ସମ୍ଭାର

### – ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିହାତି

ଭୁବନେଶ୍ୱର,୧୯।୯ (ନି.ପ୍ର) : ଓଡ଼ିଶାରେ ଦୁର୍ଗାପୂଜା କେବଳ ଏକ ପର୍ବ ନୁହେଁ, ଏହା ରାଜ୍ୟର ସାଂସ୍କୃତିକ ଐତିହ୍ୟର ହୃଦ୍‌ସ୍ପନ୍ଦନ । ପାର୍ବଣ ଋତୁ ରାଜ୍ୟକୁ ବିଶ୍ୱାସ ଏବଂ କଳାର ଏକ ସ୍ପନ୍ଦନଶୀଳ ସେଲିବ୍ରେଶନ୍‌ରେ ପରିଣତ କରେ, ଯେଉଁଠି ଭକ୍ତି ଏବଂ ଆନନ୍ଦରେ ଏକତ୍ରିତ ହୁଅନ୍ତି ସମସ୍ତେ । ଏହି ଉତ୍ସବର ମୂଳରେ ରହିଥାନ୍ତି ମା' ଦୁର୍ଗା । ୯ ଦିନ ପର୍ଯ୍ୟନ୍ତ ନିଜର ନଅଟି ଦିବ୍ୟ ରୂପରେ ମା' ପୂଜା ପାଇଥାନ୍ତି । ପ୍ରତ୍ୟେକ ରୂପ ଏକ ଅନନ୍ୟ ସାରକୁ ପ୍ରତିଫଳିତ କରେ । ତାହା ହେଲା ଶକ୍ତି, ଭକ୍ତି, ସାହସ, କରୁଣା, ପବିତ୍ରତା ଏବଂ ଆଶୀର୍ବାଦ । ଏଣୁ ନବରାତ୍ରି ରଙ୍ଗ, ପରମ୍ପରା ଏବଂ ମା' ଦୁର୍ଗାଙ୍କ ଉଜ୍ଜ୍ୱଳ ଆତ୍ମାକୁ ପାଳନ କରିବାର ଏକ ପର୍ବ ପାଳିଥାଏ । ଏକ ଦିବ୍ୟ କାହାଣୀ ଦ୍ୱାରା ଅନୁପ୍ରାଣିତ ହୋଇ ଚାନ୍ଦି ଭଣ୍ଡାର ଚଳିତ ପାର୍ବଣରେ ଆଣିଛି ଅକ୍ସିଡାଇଜଡ୍ ରୁପା ଗହଣା ସମ୍ଭାର 'ନବକୃତି' । ଏହା ଏକ ଗହଣା ସମ୍ଭାର, ଯାହା ନବରାତ୍ରିର ଆତ୍ମାରୁ ଆକାର ଗ୍ରହଣ କରେ । 'ନବକୃତି' ଶବ୍ଦ ଅର୍ଥ ୯ଟି ସୃଷ୍ଟି । ଏହି କଲେକ୍ସନକୁ ପରିଭାଷିତ କରୁଥିବା ୯ଟି ରତ୍ନପଥରର ପ୍ରତୀକ- ମା' ଦୁର୍ଗାଙ୍କ ୯ଟି ରୂପ ଏବଂ ଉତ୍ସବର ୯ଟି ସ୍ପନ୍ଦନଶୀଳ ରଙ୍ଗ ପ୍ରତି ଏକ ଶ୍ରଦ୍ଧାଞ୍ଜଳି । ସୁନ୍ଦର ଅକ୍ସିଡାଇଜଡ ଫିନିସ୍ ସହିତ ଖାଣ୍ଟି ଷ୍ଟର୍ଲିଂ ରୂପାରେ ତିଆରି 'ନବକୃତି' କଲେକ୍ସନର ପ୍ରତ୍ୟେକ ପିସ୍ ୯ଟି ପବିତ୍ର ନବରତ୍ନ ମଣିପଥରରେ ସଜ୍ଜିତ । ଏହି ରତ୍ନପଥରଗୁଡ଼ିକ ହେଲା, ରୁବି, ମୁକ୍ତା, ଲାଲ ପ୍ରବାଳ(ସିନ୍ଥେଟିକ୍), ଏମରାଲ୍‌ଡ, ୟେଲୋ ସାଫାୟାର୍, ବ୍ଲୁ ସାଫାୟାର୍, ହେଜୋନାଇଟ୍, କ୍ୟାଟ୍‌ସ ଆଇ ଏବଂ ଜିରକନ୍(ସିନ୍ଥେଟିକ୍) । ୭ଟି ବାସ୍ତବ ରତ୍ନପଥର ଏବଂ ଦୁଇଟି ଅତି ଯତ୍ନର ସହ ଚୟନ ହୋଇଥିବା ସିନ୍ଥେଟିକ୍ ରତ୍ନପଥର ସହିତ ଏହି କଲେକ୍ସନ ଐତିହ୍ୟ, ପ୍ରାମାଣିକତା ଏବଂ ଆଧୁନିକ ସୁଗମତାକୁ ସନ୍ତୁଳିତ କରେ । ଏହି ରତ୍ନପଥରଗୁଡ଼ିକ ସମନ୍ୱୟ, ସୁରକ୍ଷା ଏବଂ ସମୃଦ୍ଧିକୁ ମୂର୍ତ୍ତିମନ୍ତ କରନ୍ତି ବୋଲି ବିଶ୍ୱାସ କରାଯାଏ, ଯାହାକୁ ପିନ୍ଧିଥିବା ବ୍ୟକ୍ତି ପ୍ରତ୍ୟେକ ପିସ୍‌ରେ ମା' ଦୁର୍ଗାଙ୍କ ଆଶୀର୍ବାଦର ଏକ ଅଂଶ ବହନ କରିପାରିବେ । ନୂଆ କଲେକ୍ସନର ବଜାର ପ୍ରବେଶ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ଦୁର୍ଗା ପୂଜା ସମୟରେ ଓଡ଼ିଶାର ପ୍ରତ୍ୟେକ କୋଣ ରଙ୍ଗ ଏବଂ ଭକ୍ତିରେ ଚକକିଥାଏ । ନବକୃତି କଲେକ୍ସନ ସହିତ ଆମେ ଉକ୍ତ ଯୋଶ୍‌କୁ ରୁପା ଗହଣାରେ କଏଦ୍ କରିବାକୁ ଚାହିଁଲୁ । ଉକ୍ତ ଅଳଙ୍କାର ଯାହା ଆଜିର ମହିଳାଙ୍କ ସୁନ୍ଦରତା ଏବଂ ଶକ୍ତିକୁ ପ୍ରତିଫଳିତ କରିବା ସହିତ ମା' ଦୁର୍ଗାଙ୍କ ଆଶୀର୍ବାଦ ବହନ କରେ । ଏହି ପାର୍ବଣକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର ସମସ୍ତ ନବକୃତି କଲେକ୍ସନର ଗଢ଼ା ମଜୁରିରେ ଫ୍ଲାଟ୍ ୩୦ଧ ରିହାତି ପ୍ରଦାନ କରୁଛି । ଏହା ଦିବ୍ୟ ଏବଂ କାଳଜୟୀ ଅଳଙ୍କାରକୁ ଗ୍ରହଣ କରିବାର ଉପଯୁକ୍ତ ସମୟ । ସୂଚନାଯୋଗ୍ୟ, ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର । ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୨୪ରେ ପହଞ୍ଚିଛି ।



## ଆମାଜନରେ ଲାପଟପ୍, ଟାବଲେଟ୍ ଏବଂ ଅଡିଓ ଡିଭାଇସ୍ ଉପରେ ୭୫% ପର୍ଯ୍ୟନ୍ତ ରିହାତି

କଟକ,୧୯।୯: ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ (ଏଜିଆଇଏଫ) ୨୦୨୫, ସେପ୍ଟେମ୍ବର ୨୩, ୨୦୨୫ ରୁ ଆରମ୍ଭ ହେଉଛି, ଯେଉଁଥିରେ ଲାପଟପ୍, ଟାବଲେଟ୍, ହେଡଫୋନ ଏବଂ ଅଡିଓ ଡିଭାଇସର ଏକ ବିସ୍ତୃତ ପରିସର ପାଇଁ ଆକର୍ଷଣୀୟ ଡିଲ୍ ପ୍ରଦାନ କରାଯାଉଛି । ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ଏହି ବିକ୍ରୟ ୨୪ ଘଂଟା ପୂର୍ବରୁ ଆରମ୍ଭ ହୁଏ । ଗ୍ରାହକମାନେ ଗେମିଂ ଲାପଟପ୍, ବିଜନେସ୍ ନୋଟବୁକ୍, ପ୍ରିମିୟମ୍ ଟାବଲେଟ୍, ୱାୟାରଲେସ୍ ଇଅରବଡ୍ସ ଏବଂ ବୃତିଗତ ଅଡିଓ ଉପକରଣ ମଧ୍ୟରୁ ଚୟନ କରିପାରିବେ । ଏହି ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲରେ, ବ୍ୟାଙ୍କ ରିହାତି ସହିତ ଆକର୍ଷଣୀୟ ଡିଲ୍ ରହିଛି ଏବଂ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ବର୍ଗରେ ବ୍ୟାପକ ସଂଚୟ ଉପଭୋଗ କରିପାରିବେ । ଏହି ସମୟରେ ଏସବିଆଇ ଡେବିଟ୍/କ୍ରେଡିଟ୍ କାର୍ଡ ଏବଂ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ୧୦% ତୁରନ୍ତ ରିହାତିର ସୁବିଧା ପାଆନ୍ତୁ । ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ଅସୀମିତ ୫% କ୍ୟାସବ୍ୟାକ୍ ଏବଂ ରିୱାର୍ଡସ୍ ଗୋଲ୍ଡ ପ୍ରୋଗ୍ରାମ୍ ସହିତ ୧୫+ ବର୍ଗରେ ଅସୀମିତ କ୍ୟାସବ୍ୟାକ୍‌ର ସୁବିଧା ମଧ୍ୟ ରହିଛି । ଏହି ସମୟରେ ଏଚପି ୧୫, ଏଏମଡି ରାଇଜେନ ୭ ୭୭୩୫ଏଚଏସକୁ ମାତ୍ର ଟ.୫୮,୯୯୦ରେ, ଏଚପି ସ୍ମାର୍ଟ ଚଏସ୍ ଭିକ୍‌ଟସ୍ ଲାପଟପ୍‌କୁ ୯୯,୯୯୦ ଟଙ୍କାରେ, ଆସସ୍ ଟିୟୁଏଫ ଏ୧୬ ରାଇଜେନ୍ ୭ ୪୦୫୦କୁ ୮୭,୯୯୦ ଟଙ୍କାରେ ପାଆନ୍ତୁ । ସେହିଭଳି ସାମସଙ୍ଗ ଗାଲାକ୍ସି ଟ୍ୟାବ୍ ଏସ୯ ଏଫଇ ସ୍ମାର୍ଟଚଏସ୍‌କୁ ୨୬,୯୯୯ ଟଙ୍କାରେ, ରେଡମି ପ୍ୟାଡ୍ ୨କୁ ୧୩,୯୯୯ ଟଙ୍କାରେ, ସାମସଙ୍ଗ ଗାଲାକ୍ସି ୱାଚ୍ ୬ କ୍ଲାସିକ୍‌କୁ ୧୫,୯୯୯ ଟଙ୍କାରେ, ବୋଟ୍ ଏୟାରଡୋପ୍‌ସ ପ୍ଲସ୍ ୩୧୧କୁ ୮୯୫ ଟଙ୍କାରେ, ନଏଜ୍ ବଡ୍‌ସ ଏନ୧ ଇୟରବଡ୍‌ସକୁ ୭୯୯ ଟଙ୍କାରେ, ବୋଟ୍ ଏୟାରଡୋପ୍‌ସ ୧୨୧ ପ୍ରୋ ପ୍ଲସ୍ ଇୟରବଡ୍ସକୁ ଟ.୧,୦୯୯ ରେ ପାଆନ୍ତୁ ।

## ସାମସଙ୍ଗର ଗାଲାକ୍ସି ଏସ୨୫ ଏଫଇ ଏବଂ ଗାଲାକ୍ସି ବଡ୍‌ସ୩ ଏଫଇର ଶୁଭାରମ୍ଭ

ଭୁବନେଶ୍ୱର,୧୯।୯ (ନି.ପ୍ର) : ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଗାଲାକ୍ସି ଏସ୨୫ ଏଫଇ ସହିତ ବ୍ୟକ୍ତିଗତ ଏଆଇ ଅଭିଜ୍ଞତା ଏବଂ ଏଆଇ କ୍ଷମତାଯୁକ୍ତ ଫଟୋଗ୍ରାଫି ଏବଂ ଏଡ଼ିଟିଙ୍ଗ ଉପକରଣ ଶୁଭାରମ୍ଭର ଘୋଷଣା କରିଛି । କ୍ଷମତାଶାଳୀ ଦକ୍ଷତାର ପାହାଚ୍ ସହିତ ଏଥିରେ ରହିଛି ଅଧିକ ସମୟ ଚାଲିପାରୁଥିବା ୪,୯୦୦ ଏମଏଏଚ୍ ବ୍ୟାଟେରୀ ଏବଂ ବର୍ଦ୍ଧିତ ଆରମର ଯୁକ୍ତ ଆଲୁମିନିୟମ ଫ୍ରେମ । ଗାଲାକ୍ସି ଏସ୨୫ ଏଫଇ ମଧ୍ୟ ସଠିକ୍ ଗେମିଙ୍ଗ ସହିତ ରହିଥିବା ଏକ ବିରାଟ ବାଷ୍ପୀୟ ଚାମ୍ବର ସହିତ ଆସିଅଛି । ୬.୭"ଡ଼ାଇନାମିକ୍ ଅମୋଲେଡ଼ ୨ଗୁଣା ଡ଼ିସପ୍ଲେ ସହିତ ୧୨୦ ଏଚ୍‌ଜେଡ଼୍ ସତେଜତାର ହାରକୁ ନେଇ ଏହା ଅତ୍ୟନ୍ତ ହାଲୁକା ବୁଡ଼ି ରହିଥିବା ଭଳି ଦୃଶ୍ୟମାନ ପ୍ରଦାନ କରିଥାଏ ।




ଗାଲାକ୍ସି ଏଆଇ ସହିତ ତିଆରି ହୋଇଥିବା ଏହି ଗାଲାକ୍ସି ଏସ୨୫ ଏଫଇ ଅନୁକୂଳତମ ୱାନ ୟୁଆଇ ୮ ଏବଂ ବିବିଧ ମୋଡ଼ାଲ ଏଜେଂଟ ଦ୍ୱାରା ପ୍ରେରିତ । ହୋଇଥିବାରୁ ଏହା ଅଧିକ ବ୍ୟବହାରକାରୀ ମାନଙ୍କ ସ୍ପର୍ଶରେ ଆସିବା ସହିତ ପ୍ରାକୃତିକ ଭାବରେ ଏବଂ ତ୍ରୁଟିଶୂନ୍ୟ ପଦ୍ଧତିରେ ଏକ ନୂତନ ଯୁଗକୁ ପାଦ ଥାପିଛି ଯେଉଁଠାରେ ସ୍ୱର, ସ୍ପର୍ଶ ଏବଂ ଦୃଶ୍ୟମାନ ଇନପୁଟ ଏକାଠି ହୋଇ ଏହାକୁ ଅଧିକ ଅନ୍ତର୍ନିହିତ କରିବା ସହିତ ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ଏହାକୁ ସରଳ ଏବଂ ବର୍ଦ୍ଧିତ କରିପାରିଛି । ଗାଲାକ୍ସି ଏସ୨୫ ଏଫଇ ଜେମିନି ଲାଇଫ, ନାଓଁବାର ଏବଂ ସର୍କଲଟୁସର୍ଚ୍ଚ ସହିତ ଗୁଗୁଲକୁ ନେଇ ଆସିଅଛି । ଏ ସମସ୍ତ ବୁଦ୍ଧିମତାର ଉପକରଣ ଗୁଡ଼ିକ ବର୍ଦ୍ଧିତ ଯୋଗାଯୋଗ, ଉତ୍ପାଦନର ବୃଦ୍ଧି ଏବଂ ଦୈନିକ ସ୍ୱାରସ୍ୱରିକ କ୍ରିୟାକୁ ଡ଼ିଜାଇନ କରିବା ସହିତ – ଏ ସବୁ ମଧ୍ୟରେ ବ୍ୟକ୍ତିଗତ ଆବଶ୍ୟକତାକୁ ନେଇ ପ୍ରତ୍ୟେକ ବ୍ୟବହାରକାରୀ ମାନଙ୍କୁ ଏଥି ସହିତ ଯୋଡ଼ି ରଖିଥାଏ ।



# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନିଲେନି ବିଡିଓ
# ଭତ୍ତା ପାଇବାରୁ ୬ଶହ ହିତାଧିକାରୀ ବଂଚିତ !

ଡେଲାଙ୍ଗ,୧୯।୯(ନି.ପ୍ର) : ଡେଲାଙ୍ଗ ବ୍ଲକରେ ଏକ ଅଜବ ନିୟମ ଦେଖିବାକୁ ମିଳିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓ ମାନୁନଥିବା ଅଭିଯୋଗ ହୋଇଛି । ସେପ୍ଟେମ୍ବର ୪ତାରିଖ ଦିନ ପୁରୀ ଜିଲ୍ଲାପାଳ ଡେଲାଙ୍ଗ ବ୍ଲକ ଘନିପୁର ପଂଚାୟତର ସରପଂଚ ପ୍ରତିମା ପାତ୍ରଙ୍କୁ ତାଙ୍କ ପଦରୁ ଅସିଦ୍ଧ ଘୋଷଣା କରିଥିଲେ । ନାଏବ ସରପଂଚ କାମିନୀ ରାଉତରାୟଙ୍କୁ ସରପଂଚ ଦାୟିତ୍ୱ ପ୍ରଦାନ କରିଛନ୍ତି । କିନ୍ତୁ ଜିଲ୍ଲାପାଳ ଅସିଦ୍ଧ ଘୋଷଣା କରିଥିବା ସରପଂଚ ଶ୍ରୀମତୀ ପାତ୍ର ନାଏବ ସରପଂଚଙ୍କୁ ଏ ପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତର ନକରିବାରୁ ବିଡିଓ ନିକଟରେ ଅଭିଯୋଗ ହୋଇଛି । ଯାହା ଫଳରେ ସେହି ପଂଚାୟତରେ ଉନ୍ନୟନ ମୁଳକ କାର୍ଯ୍ୟ ପୁରା ଠପ ହୋଇଛି । ଚଳିତ ମାସରେ ୬ଶହ ହିତାଧିକାରୀ ଏବେ ଭତା ପାଇବାରୁ ବଂଚିତ ରହୁଛନ୍ତି ବୋଲି ଅଭିଯୋଗ ହୋଇଛି । ପ୍ରତିମାସରେ



ସାମାଜିକ ସୁରକ୍ଷାର ବିଭିନ୍ନ ଯୋଜନାରେ ହିତାଧିକାରୀ ମାନେ ଭତା ଟଙ୍କା ନେଇ ପରିବାର ଭରଣ ପୋଷଣ କରୁଥିବା ବେଳେ ଘନିପୁର ପଂଚାୟତରେ ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟ ପାଇଁ ଭତା ବଂଟନ ହୋଇ ପାରୁନାହିଁ । ଏଭଳି ପରିସ୍ଥିତ ଲାଗି ରହିଥିବାରୁ ଘନିପୁର ପଂଚାୟତର ନାଏବ ସରପଂଚ କାମିନୀ ରାଉତରାୟଙ୍କ ସମେତ ୱାର୍ଡସଭ୍ୟ/ସଭ୍ୟା ମାନେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଠାରୁ ଆରମ୍ଭ କରି ବିଡିଓଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଆଜକୁ ୧୬ଦିନ ହେବ ଜିଲ୍ଲାପାଳ ପୁରୀ ଘନିପୁର ପଂଚାୟତର ସରପଂଚ ପ୍ରତିମା ପାତ୍ରଙ୍କୁ ତାଙ୍କ ପଦରୁ ଅସିଦ୍ଧ ଘୋଷଣା କରିଛନ୍ତି । କିନ୍ତୁ ସେ ଆଜି ପର୍ଯ୍ୟନ୍ତ ନାଏବ ସରପଂଚଙ୍କୁ ଦାୟିତ୍ୱ ହସ୍ତାନ୍ତର ନକରି ସେ ବିଭିନ୍ନ ଆଳ ଦେଖାଇ ଘରେ ଉପସ୍ଥିତ ଥାଇ ମଧ୍ୟ ନିଜକୁ ଅନୁପସ୍ଥିତ ଦେଖାଇ ସରକାରୀ ଚିଠିକୁ ଫେରାଇ ଦେଉଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରୁଥିବା ନେଇ ଅଭିଯୋଗ ହୋଇଛି । ଏଭଳି ପରିସ୍ଥିତି ଲାଗି ରହିବାରୁ ପଂଚାୟତର ଉନ୍ନୟନ ମୁଳକ କାର୍ଯ୍ୟ ପୁରା ଠପ ହୋଇଛି । ଏନେଇ ଡେଲାଙ୍ଗରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଘନିପୁର ପଂଚାୟତର ୱାର୍ଡ ସଭ୍ୟ/ସଭ୍ୟା ଜିଲ୍ଲାପାଳଙ୍କ ଦୃଷ୍ଟି ଆର୍କଷଣ କରିଥିଲେ । ନାଏବ ସରପଂଚଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି । ଯଦି ବ୍ଲକ ପ୍ରଶାସନ ପକ୍ଷରୁ ଏହାର କିଛି ସମାଧାନ ନହୁଏ ବଡ ଧରଣ ଆନ୍ଦୋଳନକୁ କେହି ଏଡାଇ ଦେଇ ପାରିବେନି ବୋଲି ବିଶେଷ ସୁତ୍ରରୁ ସୁଚନା ମିଳିଛି ।

# ରାଜ୍ୟରେ ବନ୍ଦ ହୋଇଛି ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର,୧୯।୯ (ନି.ପ୍ର) : ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି । ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ଯୋଗୁଁ ୪୬ଟି ବିଦ୍ୟାଳୟକୁ ଖୋଲା ଯାଇଥିବାବେଳେ ଆଉ ୫ଟିକୁ ଖୋଲିବାପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ବିଧାନସଭାରେ ମନ୍ତ୍ରୀ କହିଥିଲେ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୨୦ ମସିହାରେ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ୍ ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦହୋଇ ରହିଛି । ଏଥି ମଧ୍ୟରେ ସର୍ବାଧିକ ୩୯୩ ଟି ବିଦ୍ୟାଳୟ କଟକ ଜିଲ୍ଲାରେ ରହିଥିବାବେଳେ ଗଞ୍ଜାମରେ ୩୨୬, ମୟୁରଭଞ୍ଜରେ ୩୦୮, ଯାଜପୁରରେ ୨୮୩, କୋରାପୁଟରେ ୨୪୮, କେନ୍ଦ୍ରାପଡାରେ ୧୯୫, କଳାହାଣ୍ଡିରେ ୨୫୪ ଟି ବିଦ୍ୟାଳୟ ରହିଛି । ପୁରୀ ଜିଲ୍ଲାରେ କୌଣସି ପ୍ରାଥମିକ ବିଦ୍ୟାଳୟ ଏହି ତାଲିକାରେ ନାହିଁ । ତେବେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ମଧ୍ୟରୁ ୪୬ଟିକୁ ସରକାର ଖୋଲିଥିବା ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଖୋଲାଯାଇଥିବା ୪୬ଟି ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨ଟି ଥିବାବେଳେ ଦେବଗଡରେ ୨୦, ବରଗଡରେ ୭, ଯାଜପୁରରେ ୪ ଓ ଖୋରଧାରେ ୩ଟି ବିଦ୍ୟାଳୟ ରହିଛି । ସେହିଭଳି ଆଉ ୫ଟି ବିଦ୍ୟାଳୟକୁ ଖୋଲିବାପାଇଁ ନବରଙ୍ଗପୁର ଜିଲ୍ଲାରୁ ଆସିଥିବା ପ୍ରସ୍ତାବ ସରକାରଙ୍କ ନିକଟରେ ରହିଛି ।

# କ୍ରୀଡା କୋଟାରେ ନିଯୁକ୍ତି ପାଇଛନ୍ତି ୧୯୨ ଜଣ ଖେଳାଳୀ

ଭୁବନେଶ୍ୱର,୧୯।୯ (ନି.ପ୍ର) : ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୯୨ ଜଣ କ୍ରୀଡାବିତ୍ ଖେଳ କୋଟାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ ବିଭାଗ ଓ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି । ନିଯୁକ୍ତି ପାଇବାପାଇଁ ଆଉ ୯୨ଜଣ କ୍ରୀଡାବିତ୍ ଆବେଦନ କରି ଅପେକ୍ଷାରେ ରହିଥିବା ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

କ୍ରୀଡା କୋଟାରେ କ୍ରୀଡାବିତ୍‌ମାନଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ବିଗତ ୫ବର୍ଷରେ ୧୯୨ ଜଣ କ୍ରୀଡାବିତ୍‌ଙ୍କୁ ରାଜ୍ୟ ସରକାରୀ ବିଭାଗ ଓ ଉଦ୍ୟୋଗଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଇଛି । ନିଯୁକ୍ତି ପାଇଥିବା କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ତୀରନ୍ଦାଜ ପୂର୍ଣ୍ଣିମା ହେମ୍ବ୍ରମ, ହକି ଖେଳାଳି ଲିଲିମା ମିଞ୍ଜ୍, ରଶ୍ମିତା ମିଞ୍ଜ୍ ଓ ନୀଲମ ସଞ୍ଜିବ ସେସ୍, ଜଳ କ୍ରୀଡାବିତ୍ ସୁମିତ୍ରା ମଲ୍ଲିକ ପ୍ରମୁଖ ରହିଛନ୍ତି । ଏମାନଙ୍କ ସହିତ ଫୁଟବଲ୍, କ୍ରିକେଟ, କରାଟେ, ଟାକୋଣ୍ଡ, ଦୃଷ୍ଟିହୀନ ଚେସ. ପାରା ଆଥଲେଟ୍, ଭାରଉତ୍ତୋଳନ ଆଦିରେ ସଫଳ କ୍ରୀଡାବିତ୍‌ମାନଙ୍କୁ ନିଯୁକ୍ତି ମିଳିଛି । ନୂତନ ଭାବେ ନିଯୁକ୍ତି ପାଇବାପାଇଁ ୯୨ଜଣ କ୍ରୀଡାବିତ୍ ଆବେଦନ କରିଛନ୍ତି ଏବଂ ସେମାନଙ୍କ ଦରଖାସ୍ତଗୁଡିକର ଯାଞ୍ଚ ଚାଲିଛି । ଯାଞ୍ଚ ସରିବାପରେ ନିୟମ ଅନୁଯାୟୀ ଯୋଗ୍ୟ କ୍ରୀଡାବିତ୍‌ମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଏସସି ଏସ୍‌ଟି ବିଭାଗ ଅଧିନ ବିଦ୍ୟାଳୟରେ ପଢୁଛନ୍ତି ୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୯।୯ (ନି.ପ୍ର) : ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ଓ ପଛୁଆବର୍ଗ ବିକାଶ ବିଭାଗ ଅଧିନରେ ଥିବା ବିଦ୍ୟାଳୟରେ ୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଭାଗ ଅଧିନରେ ଥିବା ୧୭୬୫ଟି ବିଭିନ୍ନ କିସମର ବିଦ୍ୟାଳୟରେ ଏହି ଛାତ୍ରଛାତ୍ରୀମାନେ ପଢୁଥିବା ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

ଏସ୍‌ସି ଏସ୍‌ଟି ବିଭାଗ ଅଧିନରେ ଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବିଭାଗ ଅଧିନରେ ବର୍ତ୍ତମାନ ବିଭିନ୍ନ କିସମର ମୋଟ୍ ୧୭୬୫ ଶିକ୍ଷାନୁଷ୍ଠାନ ରହିଛି । ଏଥି ମଧ୍ୟରେ ୪୩୬ଟି ଆଶ୍ରମ ବିଦ୍ୟାଳୟ, ୭୬୯ଟି ସେବାଶ୍ରମ ବିଦ୍ୟାଳୟ, ୧୮୯ଟି ବାଳିକା ହାଇସ୍କୁଲ ଓ ୨୪୩ଟି ହାଇସ୍କୁଲ ରହିଛି ।

ଏହିସବୁ ବିଦ୍ୟାଳୟରେ ୪,୩୮,୨୩୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହିସବୁ ବିଦ୍ୟାଳୟ ପାଇଁ ମୋଟ୍ ୧୧,୫୧୪ ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଥିବାବେଳେ ଏଥିରେ ମାତ୍ର ୩୪୧୩ ଜଣ କାର୍ଯ୍ୟରତ ଅଛନ୍ତି । ବିଦ୍ୟାଳୟଗୁଡିକ ପାଇଁ ୨୧୦୮ଟି ମଞ୍ଜୁରୀପ୍ରାପ୍ତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ପଦବୀ ଥିବାବେଳେ ଏଥିରେ ୧୪୮ଜଣ ଶିକ୍ଷକ ଅଛନ୍ତି । ସେହିଭଳି ୬୧୭ଟି ସ୍ନାତକୋତ୍ତର ଶିକ୍ଷକ ପଦବୀରେ ୧୪୦ଜଣ କାର୍ଯ୍ୟରତ ଅଛନ୍ତି । ୬୪୮୭ଟି ସେବକ/ସେବିକା ପଦବୀରେ ୨୦୪୩ ଜଣ କାର୍ଯ୍ୟରତ ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ଆରମ୍ଭ ହେଲା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ
# ଗମ୍ଭାରିଗଣ୍ଡା ଜଙ୍ଗଲରୁ ଗଛକଟା ଆରମ୍ଭ

ଦଶପଲ୍ଲା :୧୯।୯ (ନି.ପ୍ର) ରାଜ୍ୟରେ ବି ଜେ ଡି ଶାସନ ସମୟରେ ବୃତ୍ତଂଗ ଜଳସେଚନ ପ୍ରକଳ୍ପକୁ ଥୋପକରି ବି ଜେ ଡି ର ସ୍ଥାନୀୟ ନେତା ନିର୍ବାଚନୀ ବୈତରଣୀ ପାର୍ ହେଉଥିବାବେଳେ , ଏବେ ରାଜ୍ୟରେ ବି ଜେ ପି ସରକାର ଆସିବା ପରେ ,ବହୁ ପ୍ରତିକ୍ଷୀତ ବୃତ୍ତଂଗ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିଛି । ପ୍ରକଳ୍ପ ନିମନ୍ତେ ପ୍ରଥମେ ସ୍ପିଲ୍ ୱେ ବା ଜଳ ନିଷ୍କାସନ ଦ୍ୱାର ନିର୍ମାଣ ପାଇଁ , ସେହି ସ୍ଥାନକୁ ପରିଷ୍କାର କରିବା ନିମନ୍ତେ କାର୍ଯ୍ୟ ଆରମ୍ଭହୋଇଛି । ଗମ୍ଭାରିଗଣ୍ଡା ପିଆରଏଫ୍‌ରୁ ଗଛକଟା ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରତିବନ୍ଧକ ଉଠିଛି । ପ୍ରକଳ୍ପର ଅଗ୍ରଗତି ନେଇ ପ୍ରଶାସନିକ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ପରିବାର ଉପଯୁକ୍ତ ଥଇଥାନ ଓ ଭିଟାମାଟି ହରାଇବା ପୂର୍ବରୁ ସମସ୍ତ ସୁବିଧା ସୁଯୋଗ ପାଇବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ



ଗ୍ରହଣ କରାଯାଉଛି । ପ୍ରକଳ୍ପ ନିମନ୍ତେ ପ୍ରଥମେ ସ୍ପିଲ୍ ୱେ ବା ଜଳ ନିଷ୍କାସନ ଦ୍ୱାର ନିର୍ମାଣ କରାଯିବ । ଏଥିପାଇଁ ଆବଶ୍ୟକ ସ୍ଥାନକୁ ପରିଷ୍କାର ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି । କୁଲୁରୁକୁମ୍ପା ପଞ୍ଚାୟତର ପାମ୍ପରେଢ଼ା ନିକଟସ୍ଥ ଗମ୍ଭାରିଗଣ୍ଡା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ଅକ୍ଷାଂଶ: ୨୦.୩୯୦୯୯୨

ଦ୍ରାଘିମା: ୮୪,୬୭୪୬୦୨ ଉଚ୍ଚତା: ୧୭୨:୦୩+୧୯.୨ ମିଟର ସଠିକତା: ୧.୬ମି (ପିଆରଏଫ୍)ରେ ସ୍ପିଲ୍ ୱେ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାରୁ ଉକ୍ତ ସ୍ଥାନରୁ ଗଛକଟା ଆରମ୍ଭ ହେବ । ସ୍ଥାନୀୟ ଅଧିବାସୀ ଯେଭଳି କଟାଯିବା ଗଛର ଉଚିତ ପ୍ରାପ୍ୟ ପାଇବେ ( ଭି ଏସ ଏସ) ସେନେଇ ପ୍ରଶାସନ ବ୍ୟବସ୍ଥା ଆରମ୍ଭ ହୋଇଛି । ଗ୍ରାମର ମା' ଜଳାବାନ୍ଦେରୀ ବନ ସୁରକ୍ଷା ସମିତିକୁ ଗତ ୧୩ ତାରିଖରେ ବନବିଭାଗ ଭାଗ ପକ୍ଷରୁ ପ୍ରମାଣପତ୍ର ବା ଭି ଏସ୍‌ଏସ୍ ପଟ୍ଟା ପ୍ରଦାନ କରାଯାଇଛି । ବନଖଣ୍ଡ ଅଧିକ ଅଧିକାରୀ ଦେବାର୍ଜନ ବେହେରା ଉପସ୍ଥିତ ରହି ଗ୍ରାମବାସୀ ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପଟ୍ଟା ପ୍ରଦାନ କରି ରିଛନ୍ତି । ଯାହାଦ୍ୱାରା ସରକାରୀ ନିୟମ ଅନୁଯାୟୀ କଟାଯିବା ଗଛର ରୟାଲିଟି ଉକ୍ତ ଭିଏସ୍‌ଏସ୍ ପାଇବା ସହଜ ହେବ । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ହିମାଂଶୁ ଶେଖର ମୁଦୁଲି, ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, ବନପାଳ ରାକେଶ କୁମାଇ କୁମାର ସାହୁ, ଆଲୋକ କୁମାର ଗୁରୁ, ବନ ଉନ୍ନୟନ ନିଗମର ଡିଏମ୍ ରୁଦ୍ରମଣୀ ସାହୁ, ଡିଡିଏମ୍ ଆଦିତ୍ୟ କୁମାର ମିଶ୍ର, ଏସ୍‌ଡିଏମ୍ ସୌରେନ୍ କୁମାର ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପାର୍ଶ୍ୱରେ ଉକ୍ତ ଜଙ୍ଗଲରୁ ଗଛକଟା ନିମନ୍ତେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ଦାଶ କହିଛନ୍ତି । ସ୍ପିଲ୍ ୱେ ନିର୍ମାଣ ନିମନ୍ତେ ଫାଇନାଲ୍ ଡିଜାଇନ୍ ଆସିନଥିବା ବେଳେ ଏହା ଆସିବା ପରେ ଏଥିରେ କେତୋଟି ଜଳ ନିଷ୍କାସନ ଦ୍ୱାର ବା ଗେଟ୍ ରହିବ ତାହା ଜଣାପଡ଼ିବ ବୋଲି ବୃତ୍ତଙ୍ଗ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରକାଶ ପ୍ରଧାନ କହିଛନ୍ତି ।

# ବେଆଇନ ବାଣ ତିଆରି ବେଳେ ମାଡିବସିଲା ପୁଲିସ
# ଲକ୍ଷାଧିକ ଟଙ୍କାର ବାଣ, ଜବତ ଦୁଇ ଗିରଫ

ଖଣ୍ଡପଡ଼ା, ୧୯।୯ (ନିପ୍ର) : ବେଆଇନ ବାଣ ବିକ୍ରେତାଙ୍କ ଉପରେ ଚଢ଼ାଉ ଆରମ୍ଭ କରିଛି ନୟାଗଡ ଜିଲ୍ଲା ପୁଲିସ । ମିଳିଥିବା ସୂଚନା ଅନୁଯାୟୀ ଆଜି ସ୍ଥାନୀୟ ପୁଲିସ ପକ୍ଷରୁ ଖଳିସାହି ପଞ୍ଚାୟତ ଅଧୀନ ଇଚ୍ଛାପୁର ଓ ବରଡାବାରି ଗ୍ରାମରେ ବେଆଇନ ବାଣ ତିଆରି ଓ ଗଚ୍ଛିତ ଖବର ପାଇ ପୃଥକ ଭାବେ ଚଢାଉ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲେ ଇଚ୍ଛାପୁର ଗ୍ରାମର ବାବାଜୀ ନାଏକ (୪୩) ଏବଂ ବରଡାବାରି ଗ୍ରାମର ଆଲୋକ କୁମାର ନାଏକ (୩୮) । ଏମାନଙ୍କ ନିକଟରୁ ପୁଲିସ ଶହ ଶହ ସଂଖ୍ୟାରେ ନଡିଆ, ପେପର ବମ, କୁମ୍ପି, ବରୁଡା ଭଳି ବିଭିନ୍ନ ପ୍ରକାର ବାଣ ଜବତ କରିଥିବା ସୂଚନା



ଦେଇଛି । ସେହିପରି ବାଣ ତିଆରିରେ ବ୍ୟବହୃତ ୧୫କେଜି ବାରୁଦ, ୨୦ କେଜି ସୋଡିଏମ କାର୍ବୋନେଟ, ୧୦ କେଜି ସୋଡିୟମ ନାଇଟ୍ରେଟ, ୧୫ କେଜି ଆଲୁମିନିୟମ ଗୁଣ୍ଡ ୩୦ କେଜି କୋଇଲା ପାଉଡର ଆଦି ବିସ୍ଫୋରକ ଜବତ କରିଛି । ଅଭିଯୁକ୍ତ ବେଆଇନ ଭାବେ ଘରେ ବିପୁଳ ପରିମାଣର ବାଣ ତିଆରି କରି ଗଚ୍ଛିତ ରଖିବା ସହିତ ବିକ୍ରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ନୟାଗଡ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ପ୍ରେସ ମିଟ ଯୋଗେ ସୂଚନା ଦେଇଛନ୍ତି । ଏ ନେଇ ସ୍ଥାନୀୟ ପୁଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁକରି ଅନୁସନ୍ଧାନ କରୁଥିବା ମଧ୍ୟ କହିଛି । ଚଢାଉ ବେଳେ ଖଣ୍ଡପଡ଼ା ଓ ଫତେଗଡ ପୁଲିସର ବରିଷ୍ଠ ଅଧିକାରୀ, ଏସଆଇ ଏବଂ ଏଏଏସଆଇ ଏବଂ ଗୃହରକ୍ଷୀ ସାମିଲ ଥିବା ସୂଚନା ମିଳିଛି ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

କଳାହାଣ୍ଡି,୧୯।୯(ନି.ପ୍ର):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସରରେ ଶୁକ୍ରବାର ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ସାମଗ୍ରୀକ ସଶକ୍ତିକରଣ ଉପରେ କେନ୍ଦ୍ରିତ ଏକ ସ୍ୱାସ୍ଥ୍ୟ ପ୍ରୋତ୍ସାହନ "ସୁସ୍ଥ ନାରୀ ସଶକ୍ତ ପରିବାର" ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡ଼. ବିବେକ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଣସଂକ୍ରାମକ, ରକ୍ତହୀନତା, ଯକ୍ଷ୍ମା,ସିକିଲସେଲ ଓ ଥାଓସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଋତୁ ସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ କରିବା ଉପରେ ସଚେତନ କରାଯାଇଥିଲା । ଚଳିତ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ମହିଳା ଓ ବାଳିକା ମାନେ ଯୋଗଦେଇ ନିଜେ ଆଉ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଉଭୟ ସରକାର ଆହ୍ୱାନ ଦେଇଥିବା ବେଳେ ଏହି ପରିପେକ୍ଷିରେ ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ମଧ୍ୟ ଆୟୋଜିତ ହୋଇଥିଲା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ । ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପୁରାଣା ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡ଼.ସଚି ନନ୍ଦନ ସେନାପତି, ସେବାଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇଥିଲେ । ଏଥିରେ ଚକ୍ଷୁ ବିଭାଗ ଡାକ୍ତର ଯୁଧିଷ୍ଠିର ପାତ୍ର, ଦନ୍ତ ବିଶେଷଜ୍ଞ ଡ. ମନୀଷା ମିଶ୍ର ଓ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକାରୀ କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉପଯୁକ୍ତ ସ୍ୱାସ୍ଥ୍ୟ ଯୋଗାଇଥିଲେ । ଏଥିରେ ଫାର୍ମାସିଷ୍ଟ ଆଦର୍ଶ ପାତ୍ର, ମହେନ୍ଦ୍ର ଗହୀର, ରଶ୍ମି ସେନାପତି,ସ୍ୱାସ୍ଥ୍ୟ କର୍ମୀ ରାଜଶ୍ରୀ, ମଥା ମାଝୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା ଉଦ୍ୟମ

କୁକୁଡାଖଣ୍ଡି,,୧୯।୯ (ନି.ପ୍ର) : ଦିଗପହଣ୍ଡି ଥାନା କୁକୁଡ଼ାଖଣ୍ଡି ବ୍ଲକ ବନ୍ଥପଲ୍ଲୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକ ଙ୍କୁ ହତ୍ୟା ଉଦ୍ୟମ କରାଯାଇଛି । ଖଣ୍ଡା ଚୋଟ ରେ ତାଙ୍କ ହାତ ,ଗୋଡ଼ ରେ ଗଭୀର ଆଘାତ ଲାଗିଛି । ଗୁରୁତର ଆହାତ ଯୁବକ ଜଣକ ହେଲେ ଗ୍ରାମର ଶିବଶଙ୍କର ବିଷୋୟୀ (୩୦) । ଗ୍ରାମରେ ଗତ ଗୁରୁବାର ଭଲିବଲ ମ୍ୟାଚ ହୋଇଥିଲା । ମ୍ୟାଚ ରେ ହାରଜିତ ନେଇ ଶିବଶଙ୍କର ଓ ଅନ୍ୟ ଯୁବକଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଅନ୍ୟ ଖେଳାଳି ମାନେ ଉଭୟ ପକ୍ଷ ଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା । ଏହାପରେ ଗ୍ରାମରେ ଗଣେଶ ପୂଜା ହେବା ସହ ଭସାଣି ମଧ୍ୟ ହୋଇଥିଲା । ଗୁରୁବାର ଗ୍ରାମରେ ଗଣେଶ ଭସାଣୀ ଭୋଜି ଆୟୋଜିତ ହୋଇଥିବା ବେଳେ ସେଠାରେ ମଧ୍ୟ ଶିବଶଙ୍କର ଙ୍କ ସହ ବିପକ୍ଷ



ଗୋଷ୍ଠୀର ଯୁବକ ମାନଙ୍କ ମଧ୍ୟରେ ବଚସା ହେବା ସହ ହାତାହାତି ହୋଇଥିଲା । ରାତି ପ୍ରାୟ ୧୧ ଟା ସମୟରେ ଶିବଶଙ୍କର ଘର ବାରଣ୍ଡାରେ ବସିଥିବା ବେଳେ କିଛି ଯୁବକ ଆସି ଖଣ୍ଡା ଓ କାତି ସାହାଯ୍ୟରେ ଶିବଶଙ୍କରଙ୍କୁ ଅତର୍କିତ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ । ସେ ବର୍ତ୍ତମାନ ଚିକିତ୍ସାଧିନ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ଏନେଇ ଶୁକ୍ରବାର ସକାଳୁ ଶିବଶଙ୍କରଙ୍କ ଜ୍ୱାଇଁ ପ୍ରଶାନ୍ତ ଭୂୟାଁ ଅଭିଯୁକ୍ତ ନନ୍ଦନ ବେହେରା ଓ ତାଙ୍କ ଅନ୍ୟ ସହଯୋଗୀଙ୍କ ବିରୋଧରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ଥାନା କେସ୍ ନଂ. ୩୪୨/୨୫ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

# ସଂସ୍କୃତି ସଂଗଠକ ନିରଞ୍ଜନ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ,୧୯।୯ (ନି.ପ୍ର) : ସମାଜରେ ବହୁତ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ପେଶା ଏକ ପ୍ରକାର ଓ ନିଶା ଏକ ପ୍ରକାର ହୋଇଥାଏ । ସେମାନେ ଜୀବନ ଜିବୀକାକୁ ଅଧିକ ଗୁରୁତ୍ୱ ନଦେଇ ଅନ୍ତର୍ନିହିତ ନିଶାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେହିଭଳି ନିଜର ପେଶା ଓ ନିଶାକୁ ଏକାକାର କରି ଦେଇଥିଲେ ନିରଞ୍ଜନ ପଣ୍ଡା । ବାଲେଶ୍ୱର ଜିଲ୍ଲା କୃଷି ବିଭାଗରୁ ଅବ୍ୟାହତି ନେଲାପରେ ନିଜ ସହଯୋଗରେ ଗଠନ କରିଥିବା ଭଦ୍ରକ ଜିଲ୍ଲାର ଏକ ଅଗ୍ରଣୀ ସଂଗୀତ ମହାବିଦ୍ୟାଳୟ । ଭଦ୍ରକ ନୃତ୍ୟ ସଂଗୀତ ପରିଷଦର ସମ୍ପାଦକ ଥିଲେ ଏବଂ ଜଣେ ସୁପ୍ରତିଷ୍ଠିତ କଣ୍ଠଶିଳ୍ପୀ ଭାବରେ ସମଗ୍ର ଜିଲ୍ଲାରେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କ ଅପର୍ତ୍ତିବିନ୍ଧା ବାସଭବନ ନିକଟରେ ଭଦ୍ରକ ନୃତ୍ୟ ସଂଗୀତ ପରିଷଦର ଅଧ୍ୟକ୍ଷ ତଥା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ



ମତବ୍ୟକ୍ତ କରିଥିଲେ । ମଞ୍ଚ କଳାକାର କାଳନ୍ଦୀ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ବେଦପାଠ କରିଥିଲେ ପଣ୍ଡିତ ଘନଶ୍ୟାମ ଲେଙ୍କା । କାର୍ଯ୍ୟକ୍ରମଟିକୁ ସଂଗୀତ ମହାବିଦ୍ୟାଳୟର ସଭାପତି ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଉଦ୍‌ଘାଟନ କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକ୍‌ଦାର, ଗୌରାଙ୍ଗ ବାରିକ୍, ବ୍ଲକ କଳା ସଂସ୍କୃତି ସଂଗଠନ ଉପସଭାପତି ପ୍ରଶାନ୍ତ ବେହେରା, ପଞ୍ଚାନନ ବେହେରା, ରବିନ୍ଦ୍ର ଜେନା,ନୃତ୍ୟ ନିର୍ଦ୍ଦେଶିକା ସ୍ୱାଗତିକା ରାଉତ, ବ୍ୟଙ୍ଗ କବି ବିଜୟ ବହଳି, ଶିଳ୍ପୀ ବିଜୟ ମହାନ୍ତି, ମନମୋହନ ସଂଗୀତ ପରିଷଦର ଅଧ୍ୟକ୍ଷ ଡ଼. କେଶବ ଯେନା, ସମ୍ପାଦକ ରାମନାରାୟଣ ମହାନ୍ତି, ଶିଳ୍ପୀ ନିମାନନ୍ଦ ସାହୁ, ଆଇନଜୀବୀ ସନ୍ତୋଷ ଦାସ, ସେବାନିବୃତ ପୋଲିସ ଅଧିକାରୀ ରମେଶ ଦାସ, ବ୍ୟାଙ୍କ ଅଧିକାରୀ ଗଦାଧର ପଣ୍ଡା, ତାପସ ନାୟକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତି ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରକାଶଥାଉକି ସ୍ୱର୍ଗତ ପଣ୍ଡା ଜଣେ ବରିଷ୍ଠ କଣ୍ଠ ଶିଳ୍ପୀ ସହିତ ଜଣେ କଳା ସଂଗଠକ ଭାବରେ ବେଶ୍ ସୁନମ ଅର୍ଜନ କରିଥିବା କାରଣ ସ୍ମୃତି ସଭା ସହିତ ଏକ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଂଗୀତ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଅନୁଷ୍ଠାନର ଗୁରୁ ମହନ୍ତ ଆଶିଷ ଦେବ ଗୋସ୍ୱାମୀ ଓ ଗୁରୁ ସୁରେନ୍ଦ୍ର ଗାହାଣ । ସ୍ୱର୍ଗତ ପଣ୍ଡାଙ୍କର ପ୍ରିୟଛାତ୍ରୀ କଣ୍ଠଶିଳ୍ପୀ ଟୁନାବାଳା ଦାସ, ସୋନାଲି ଦାସ, ଜିତନ ପଣ୍ଡା, ପୋଲିସ୍ ଅଧିକାରୀ ଚିତ୍ତରଞ୍ଜନ ଜେନା, ପ୍ରିୟବ୍ରତ ପଣ୍ଡା, ଗାୟକ ରଘୁନାଥ ବାରିକ ପ୍ରମୁଖ ଭକ୍ତି ଓ ଶରୀମାର୍ଥ ଆଧାରିତ ସଂଗୀତ ପରିବେଷଣ କରିଥିଲେ । ଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ ସ୍ୱର୍ଗତ ପଣ୍ଡାଙ୍କର ଜାମାତା ଦୀଲ୍ଲିପ୍ ପାଣିଗ୍ରାହୀ ।

